୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

Vol.26 . No.23 Bhubaneswar Tuesday February 27 2024 | ୨୬ତମ ବର୍ଷ ସଂଖ୍ୟା–୨୩ ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୨୭, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS


# ବିଜେଡି-ବିଜେପିର ବିଫଳତା ଓ ଦୁର୍ନୀତି ବିରୋଧରେ ସଚିବାଳୟ ଘେରିଲା କଂଗ୍ରେସ







ଭୁବନେଶ୍ୱର, ୨୬।୨(ପି.ଏନ): ରାଜ୍ୟରେ ଦୀର୍ଘ ୨୪ବର୍ଷର ଶାସନ କାଳରେ ବିଜେଡି ସରକାର ପ୍ରତ୍ୟେକ କ୍ଷେତ୍ରରେ ବିଫଳ ହୋଇଛି। ରାଜ୍ୟର ସବୁ ବ୍ଲକକୁ ୩୫% ଜଳସେଚନ ସୁବିଧା, କୃଷିଜାତ ଦ୍ରବ୍ୟର ସଂରକ୍ଷଣ, ଧାନର ଅଭାବୀ ବିକ୍ରି ସମସ୍ୟାର ସମାଧାନ, ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ପ୍ରଦାନ କିମ୍ବା ବେକାରୀ ସମସ୍ୟା ସମାଧାନ ଆଦି ସବୁ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ହୋଇଛି। ଅନ୍ୟପକ୍ଷରେ ୧ଲକ୍ଷ କୋଟି ଟଙ୍କାର ଖଣି ଦୁର୍ନୀତି, ୨୦ ହଜାର କୋଟି ଟଙ୍କାର ଚିଟ୍‌ଫଣ୍ଡ ଦୁର୍ନୀତି, ପାନୀୟଜଳ ଯୋଗାଣରେ ୩୩ ହଜାର କୋଟିର ଠିକା ଦୁର୍ନୀତି, ବିଦ୍ୟୁତ୍ ସେବା ଭିତିଭୂମି ଆଳରେ ୩୫ ହଜାର କୋଟି ଟଙ୍କାର ଦୁର୍ନୀତି ଏବଂ ନାରୀ ନିର୍ଯାତନା ଓ ନାବାଳିକା ଚାଲାଣ ଆଦି ପ୍ରସଙ୍ଗ ରାଜ୍ୟବାସୀଙ୍କୁ ଉଦ୍‌ବେଳିତ କରିଛି। ଏସବୁ ଦୁର୍ନୀତି ଓ ଅନ୍ୟାୟ ପ୍ରତିବାଦରେ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ସଚିବାଳୟ (ଲୋକସେବା ଭବନ) ଘେରାଉ କରାଯାଇଛି। ରାଜ୍ୟର ଶତାଧିକ କଂଗ୍ରେସ କର୍ମୀ କଂଗ୍ରେସ ଭବନ ଠାରୁ ଏକ ବିରାଟ ପ୍ରତିବାଦ ଶୋଭାଯାତ୍ରାରେ ବାହାରି ମହାତ୍ମାଗାନ୍ଧୀ ମାର୍ଗ ନିକଟରେ ପହଂଚିଥିଲେ। ସେଠାରେ ଆୟୋଜିତ ବିକ୍ଷୋଭ ସଭାରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ନିଜ ବକ୍ତବ୍ୟରେ କହିଲେ ଯେ ରାଜ୍ୟରେ ଦୀର୍ଘ ୨୪ ବର୍ଷର ଶାସନ କାଳରେ ଓଡ଼ିଶାର ସାଢ଼େ ଚାରି କୋଟି ଓଡ଼ିଆଙ୍କୁ ଧୋକା ଦେଇଛି ନବୀନ ସରକାର। ଦୁନୀତି ଓ ବରୋଜଗାରୀ ଆଜି ରାଜ୍ୟ ସରକାରଙ୍କ ସଫଳତା ପାଲଟିଛି। ରାଜ୍ୟର ବିକାଶ କରିବା ପରିବର୍ତେ କେବଳ ନିର୍ବାଚନ ସମୟରେ ବଡ଼ ବଡ଼ ଘୋଷଣା କରି ବିଜେଡ଼ି ସରକାର ଲୋକଙ୍କୁ ଭୁଆଁ ବୁଲାଉଛି ବୋଲି ଶ୍ରୀ କୁମାର ପ୍ରକାଶ କରିଥିଲେ। ଓଡ଼ିଶାରେ ଏବେ ପ୍ରଧାନ–ପାଣ୍ଡିଆନ କମିଶନ (ପିପିସି) ଆରମ୍ଭ ହୋଇଛି ଏବଂ ଓଡ଼ିଆ ଓ ଓଡ଼ିଶାର ଅସ୍ମିତା ଅଣଓଡ଼ିଆଙ୍କ ହାତରେ ବନ୍ଧା ପଡ଼ିଛି ବୋଲି ଶ୍ରୀ କୁମାର ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ତାଙ୍କ ଅଭିଭାଷଣରେ ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡ଼ି ସରକାରକୁ ତୀବ୍ର ନିନ୍ଦା କରି ପ୍ରକାଶ କରିଥିଲେ କି, ରାଜ୍ୟରେ ବେରୋଜଗାରୀ ସମସ୍ୟା ଉତ୍କଟ ରୂପ ନେଇଛି। ଫଳରେ ଦାଦନ ସଂଖ୍ୟା ବଢ଼ି ବଢ଼ି ଚାଲିଛି। କୃଷକଙ୍କୁ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନରେ ରାଜ୍ୟ ଓ କେନ୍ଦ୍ର ସରକାର ଉଭୟ ବିଫଳ ହୋଇଛନ୍ତି। ରାଜ୍ୟରେ ଚାଷୀ ଆତ୍ମହତ୍ୟା ଉଦ୍‌ବେଗଜନକ ସ୍ଥିତିରେ ରହିଛି। ମହିଳାଙ୍କୁ ସମ୍ମାନ ଦେବା ପରିବର୍ତେ ପ୍ରତାରଣା ଓ ଅତ୍ୟାଚାର ସୀମା ସରହଦ ଟପିଛି। ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଦର ବୃଦ୍ଧି ସହିତ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଦର ଅହେତୁକ ଭାବେ ବୃଦ୍ଧି ଘଟିବା କାରଣରୁ ସାଧାରଣ ଜନତା ତ୍ରାହି ତ୍ରାହି ଡାକ ଦେଲେଣି। ସରକାରଙ୍କ ଏହି ଦୁର୍ନୀତି ଓ ବିଫଳତା ପ୍ରତିବାଦ କାରଣରୁ ତମାମ ରାଜ୍ୟରେ ଜନଆକ୍ରୋଶ ବୃଦ୍ଧି ପାଇଛି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ପଟ୍ଟନାୟକ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। କୃଷି କ୍ଷେତ୍ରର ଉପଯୁକ୍ତ ବିକାଶ, ଚାଷ ଜମିକୁ ଜଳସେଚନ, ଧାନର ସର୍ବନିମ୍ନ ମୂଲ୍ୟ ୨୯୩୦ ଟଙ୍କା ପ୍ରଦାନ କରିବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ଓଡ଼ିଶାରେ ଓଡ଼ିଆ ଲୋକ ଏବେ ରାଜରାସ୍ତାରେ। ୩୦ ଲକ୍ଷ ଯୁବକ ପେଟ ପୋଷିବା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଶିକ୍ଷିତ ଯୁବକ ଯୁବତୀ ରୋଜଗାର ପାଇବା ପାଇଁ ଯୋଗାଇବାରେ ଉଭୟ ବିଜେଡ଼ି ଓ ବିଜେପିର ବିଫଳତା ଓ ଦୁର୍ନୀତି ବିରୁଦ୍ଧରେ କଂଗ୍ରେସ ରାଜ୍ୟବାସୀଙ୍କୁ ସଚେତନ କରିବା ପାଇଁ ରାଜରସ୍ତାକୁ ଓହ୍ଲାଇଛି ବୋଲି ସେ କହିଛନ୍ତି। ସେହିପରି ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି। ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟ ସବୁଠି ହଜାର ହଜାର ପଦବି ଖାଲି ପଡିଛି। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ୫୦%ରୁ ଅଧିକ ଶିକ୍ଷକ ନାହାଁନ୍ତି। ତେଣୁ ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ପାଇବାରୁ ବଂଚିତ ହେଉଛନ୍ତି। ବହୁ ଶିକ୍ଷିତ ଯୁବକ ଯୁବତୀ ନିଯୁକ୍ତି ନପାଇ ନିରାଶ ହେଉଛନ୍ତି। ପ୍ରତିବର୍ଷ ୨ଲକ୍ଷ ଯୁବକଙ୍କୁ ନିଯୁକ୍ତି ଦେବାକୁ ଘୋଷଣା କରିଥିବା ସରକାର ବର୍ଷକୁ ୧୦ ହଜାର ନିଯୁକ୍ତି ବି ଦେଇପାରୁନାହାଁନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ୨ଲକ୍ଷ ୩୬ ହଜାରରୁ ଅଧିକ ପଦବି ଖାଲି ପଡିଛି। ସ୍ୱାସ୍ଥ୍ୟସେବା କଥା ନ କହିବା ଭଲ। ଆସନ୍ନ ପ୍ରସବା ମହିଳାମାନେ ଖଟିଆରେ ବୁହାହୋଇ ଡାକ୍ତରଖାନା ଆସୁଛନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି ଜିଲ୍ଲା ସଦରମହକୁମା ଚିକିତ୍ସାଳୟରେ ବିଭିନ୍ନ ବିଭାଗରେ ଡାକ୍ତର ପଦବି ଖାଲି ପଡିଛି। ଖାଲି ସେତିକି ନୁହେଁ, ଷ୍ଟାଫନର୍ସ, ଟେକ୍‌ନିସିଆନ ଓ ଫାର୍ମାସିଷ୍ଟ ମଧ୍ୟ ନାହାଁନ୍ତି। ଉଭୟ ବିଜେଡି ଓ ବିଜେପିର ଭାଗିଦାର ସରକାର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି କାର୍ଯ୍ୟ କରୁଛନ୍ତି। ରାଜ୍ୟରେ ବିକାଶ କଥା ଚିଂ। ନକରି ସେମାନେ ଲୋକଙ୍କୁ ଭଣ୍ଡାଉଛନ୍ତି ବୋଲି ଉପସ୍ଥିତ ବରିଷ୍ଠ ନେତୃମଣ୍ଡଳୀ ତାଙ୍କ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆଜିର ବିକ୍ଷୋଭରେ ଶତାଧିକ କଂଗ୍ରେସ କର୍ମୀ ଓ ନେତା ସଚିବାଳୟକୁ ଧସାଇ ହୋଇ ପଶୁଥିବାବେଳେ ପୁଲିସ ସହ ଧସ୍ତାଧସ୍ତି ହୋଇ ଗିରଫ ହୋଇଥିଲେ। ଆଜିର ଏହି ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମରେ ରାଜ୍ୟ କଂଗ୍ରେସ ସହ ପ୍ରଭାରୀ–ଖ୍ରୀଷ୍ଟୋଫର ତିଲକ, ସାହାନୱାଜ ଚୌଧୁରୀ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବରିଷ୍ଠ କଂଗ୍ରେସ ନେତା ବିଜୟ ପଟ୍ଟନାୟକ, ଶରତ ରାଉତ, ଡ. ରାମଚନ୍ଦ୍ର ଖୁଂଟିଆ, ବିଧାୟକ ସୁରେଶ କୁମାର ରାଉତରାୟ, ତାରାପ୍ରସାଦ ବାହିନପତି, ଇଂ ମହମ୍ମଦ ମୋକିମ୍, ଦାଶରଥି ଗମାଙ୍ଗୋ, ରମେଶ ଜେନା, ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଡ. ବିଶ୍ୱରଂଜନ ମହାନ୍ତି, ବରିଷ୍ଠ ନେତା ଜଗନ୍ନାଥ ପଟ୍ଟନାୟକ, ଅନଂ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ– ମିନାକ୍ଷୀ ବାହିନପତି, ରାଜ୍ୟ ଯୁବ କଂଗ୍ରେସ ସଭାପତି ରିତ ପାତ୍ର, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି–ବିଶ୍ୱଜିତ ଦାସ, ସୁରେଶ ମହାପାତ୍ରଙ୍କ ସମେତ ସମସ୍ତ ଜିଲ୍ଲା କଂଗ୍ରେସ ସଭାପତି, କଂଗ୍ରେସ ନେତା ଶୁଭେନ୍ଦୁ ମହାନ୍ତି, କିଶୋର ଜେନା, ନକୁଳ ନାୟକ ଙ୍କ ସମେତ ବିଭିନ୍ନ ବିଭାଗର କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ୨୮ରେ ଓଡିଶା ଆସିବେ ବିଲ୍ ଗେଟସ୍, ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହ କୃଷି ଭବନ ପରିଦର୍ଶନ କରିବେ



ଭୁବନେଶ୍ୱର, ୨୬।୨(ପି.ଏନ): ଆସନ୍ତା ୨୮ ତାରିଖରେ ଓଡିଶା ଆସିବେ ବିଲ୍ ଗେଟସ୍। ଏହି ଗସ୍ତ ସମୟରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବେ। ଏହାସହିତ କୃଷି ଭବନ ପରିଦର୍ଶନ କରିବେ ବିଲ୍ ଗେଟସ୍। ଏ ନେଇ ବିଲ୍ ଗେଟସ୍ ଫାଉଣ୍ଡେସନ ସହ ଚୁକ୍ତି ହୋଇଥିଲା। ୨୦୧୭ରେ ଚୁକ୍ତି କରିଥିଲେ ରାଜ୍ୟ ସରକାର। କ୍ଷୁଦ୍ର ଚାଷୀଙ୍କ ଆୟ ବୃଦ୍ଧି ଲାଗି ହୋଇଥିଲା ଚୁକ୍ତି। ଏ ଦିଗରେ ବିଲ୍ ଗେଟସ୍ ଫାଉଣ୍ଡେସନ ବୈଷୟିକ ସହାୟତା ଯୋଗାଉଛି।

## ନୂଆ-ଓ' ଛାତ୍ରବୃତ୍ତି ବିତରଣ ଆଜିଠୁ ଆରମ୍ଭ, ପ୍ରଥମେ ୩ ଜିଲ୍ଲାର ଛାତ୍ରଛାତ୍ରୀ ପାଇବେ ଟଙ୍କା



ଭୁବନେଶ୍ୱର, ୨୬।୨(ପି.ଏନ): ରାଜ୍ୟ ସରକାର ଘୋଷଣା କରିଥିବା ନୂଆ-ଓ ଛାତ୍ରବୃତ୍ତି ଆଜିଠୁ କରାଯିବ ବିତରଣ। ଏହି ଛାତ୍ରବୃତ୍ତି କେବଳ ଯୁକ୍ତ ତିନି ଏବଂ ପିଜି ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଲବ୍ଧ ହେବ। ତେବେ ପ୍ରଥମେ ଏହି ଛାତ୍ରାବୃତ୍ତିକୁ ରାଜ୍ୟ ସରକାର ସମ୍ବଲପୁର, ଦେବଗଡ, ଏବଂ ଅନୁଗୁଳ ଜିଲ୍ଲାରେ ବିତରଣ କରିବେ। ରାଜ୍ୟ ସରକାର ନବୀନ ପଟ୍ଟନାୟକ କିଛି ଦିନ ତଳେ ଯୁକ୍ତ ତିନି ଏବଂ ପିଜି ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିବାକୁ ଘୋଷଣା କରିଥିଲେ। ଏହି ନିଷ୍ପତ୍ତି ସଂପର୍କରେ ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯାଜପୁରରେ ନୂଆ-ଓ କାର୍ଯ୍ୟକ୍ରମରେ ଘୋଷଣା କରିଥିଲେ। ତେବେ ଏହି ଯୋଜନା ମାଧ୍ୟମରେ ଛାତ୍ରୀମାନଙ୍କୁ ୧୦ ହଜାର ଟଙ୍କା ଏବଂ ଛାତ୍ରମାନଙ୍କୁ ୯ ହଜାର ଟଙ୍କା ପ୍ରଦାନ କରାଯିବ। ଏହି ଛାତ୍ରବୃତ୍ତି ୪ ଲକ୍ଷ ଛାତ୍ରଛାତ୍ରୀ ପାଇବେ ଏବଂ ଏଥିରୁ ୩୫ ହଜାର ପିଜି ଛାତ୍ରଛାତ୍ରୀ ଏହି ଛାତ୍ରବୃତ୍ତି ପାଇବେ। ଏହି ନୂଆ-ଓ ଛାତ୍ରାବୃତ୍ତି ସିଧାସଳଖ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ପଠାଯିବ। ଏଥିପାଇଁ ପିଲାମାନେ ନିଜ ଆକାଉଣ୍ଟ ନମ୍ବର ସହ କଲେଜରେ ଫର୍ମ ପୂରଣ କରିଛନ୍ତି। ତେବେ ସରାକାରୀ କର୍ମଚାରୀ ଏବଂ ଆୟକର ଦେଉଥିବା ଅଭିଭାବକଙ୍କ ପିଲାମାନଙ୍କୁ ଏହି ଛାତ୍ରବୃତ୍ତି ମିଳିବ ନାହିଁ।

## ବିଜେଡ଼ି କୁକୁର ଭଳିଆ ହାରିବ, ପାଣ୍ଡିଆନ୍ ଦୌଡି ତାମିଲ୍‌ନାଡୁ ପଳାଇବ: ଖାରବେଳ ସ୍ୱାଇଁ

ଭୁବନେଶ୍ୱର, ୨୬।୨(ପି.ଏନ): ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଘନଘନ ଆସୁଛି ସର୍ଭେ ରିପୋର୍ଟ। କିଏ ବିଜେଡି ଜିତିବ ବୋଲି କହୁଛି ତ ଆଉ କିଏ ବିଜେପି ସପକ୍ଷରେ ମତ ରଖୁଛି। ଯାହାକୁ ନେଇ ଜନତା ଦ୍ୱନ୍ଦ୍ୱରେ ପଡିଥିବା ବେଳେ ଆଜି ବିସ୍ଫୋରକ ବୟାନ୍ ଦେଇଛନ୍ତି ବରିଷ୍ଠ ବିଜେପି ନେତା ମହାମେଘବାହନ ଐର ଖାରବେଳ ସ୍ୱାଇଁ। ସେ କହିଛନ୍ତି, ନିର୍ବାଚନରେ ବିଜେଡି କୁକୁର ଭଳିଆ ହାରିବ। ଆଉ ପାଣ୍ଡିଆନ୍ ଦୌଡି ଦୌଡି ତାମିଲ୍‌ନାଡୁ ପଳାଇବ। ବିଜେପି ଓ ବିଜେଡି ମେଣ୍ଟ ନେଇ ଖାରବେଳ ସ୍ୱାଇଁ କହିଛନ୍ତି, ଯଦି ମେଣ୍ଟ ହେବ ବୋଲି ଭାବୁଛନ୍ତି, ତାହେଲେ ପ୍ରଫୁଲ୍ଲ ସାମଲଙ୍କ ଘର ଉପରେ କାହିଁକି ଚଢ଼ଉ ହେଲା ନବୀନ ପଟ୍ଟନାୟକ ଏଥର କୁକୁର ଭଳିଆ ହାରିବେ।

## ଚାଲିଗଲେ ପଙ୍କଜ ଉଧାସ



ଭୁବନେଶ୍ୱର, ୨୬।୨(ପି.ଏନ): ପୁଣି ବଲିଉଡରୁ ଆସିଲା ଦୁଃଖଦ ଖବର। ଜଣାଶୁଣା ଭେଟେରାନ ବଲିଉଡ୍ କଣ୍ଠଶିଳ୍ପୀ ପଙ୍କଜ ଉଧାସଙ୍କ ପରଲୋକ। ୭୨ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି। ଦୀର୍ଘଦିନର ଅସୁସ୍ଥତା ପରେ ଆଖି ବୁଜିଛନ୍ତି ପଙ୍କଜ ଉଧାସ। ଏନେଇ ତାଙ୍କ ପିଆର୍ ସୂଚନା ଦେଇଛନ୍ତି।ଦୀର୍ଘ ଦିନ ଧରି ପଙ୍କଜ ଉଧାସ ଅସୁସ୍ଥ ଥିଲେ। ଗତ କେତେ ଦିନ ହେଲା ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନଥିବାରୁ ତାଙ୍କୁ ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇଛି। ଏହି ଖବର ସାମ୍ନାକୁ ଆସିବା ମ୍ୟୁଜିକ ଇଣ୍ଡଷ୍ଟ୍ରିକୁ ଶକ୍ତ ଝଟ୍‌କା ଲାଗିଛି ବି-ଟାଉନରେ ଶୋକର ଛାୟା ଖେଳି ଯାଇଛି।

## ହୋଟେଲରେ କୋକେନ୍ ନେଉଥିଲେ ବିଜେପି ନେତାଙ୍କ ପୁଅ, ମାଡି ବସିଲା ପୁଲିସ୍

ନୂଆଦିଲ୍ଲୀ, ୨୬।୨(ପି.ଏନ): ପଞ୍ଚ ତରକା ହୋଟେଲରେ ବସି କୋକେନ ନେଉଥିଲେ ବିଜେପି ନେତାଙ୍କ ପୁଅ। ତାଙ୍କ ସହ ଆଉ ୯ ଜଣ ମଧ୍ୟ ବେଧଡକ ଅନ୍ଧାଜରେ ଡ୍ରଗ୍ସ ନେଉଥିଲେ। ହେଲେ ହାଇଦ୍ରାବାଦ ପୁଲିସ୍ ହୋଟେଲରେ ପଶି ବିଜେପି ନେତାଙ୍କ ପୁଅଙ୍କ ସମେତ ୧୦ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ବିପୁଳ ପରିମାଣର କୋକେନ ମଧ୍ୟ ଜବତ ହୋଇଛି। ବିଜେପି ନେତା ଜି ଯୋଗନ୍ଦାଙ୍କ ପୁଅ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ କେ ରୋସୈୟାଙ୍କ ନାତି ଜି ବିବେକାନନ୍ଦଙ୍କୁ ପୁଲିସ ଗିରଫ କରିଛି। ଗାଚ୍ଚିବୋଉ୍ଲି ସ୍ଥିତ ରାଡିସନ ବ୍ଲ୍ୟୁ ହୋଟେଲରେ ଗୋଟିଏ ପାର୍ଟି ହେଉଥିଲା। ଏଥିରେ ବିବେକାନନ୍ଦ ସାମିଲ ହୋଇଥିଲେ। ଏହି ସମୟରେ ଗୋଟିଏ ରୁମ ବୁକ କରିବା ସହ ସେଠାରେ ଅନ୍ୟ ୯ ଜଣଙ୍କ ସହ ମିଶି କୋକେନ ସେବନ କରୁଥିଲେ।

## ବିଜୁ ଜନତା ଦଳରେ ନବୀନ କାହାକୁ ଉତ୍ତରାଧିକାରୀ ବାଛିବେ: ଏହି ବଡ ପ୍ରଶ୍ନର ଉତ୍ତର ଦେଲେ ପାଣ୍ଡିଆନ



ଭୁବନେଶ୍ୱର, ୨୬।୨(ପି.ଏନ): ଆଗକୁ ଆସୁଛି ରାଜ୍ୟ ବିଧାନସଭା ଓ ଲୋକସଭା ନିର୍ବାଚନ। ନିର୍ବାଚନକୁ ଆଉ କିଛି ମାସ ବାକି ଥିବାବେଳେ ସେନେଇ ଏବେଠାରୁ ରାଜ୍ୟର ରାଜନୈତିକ ମାହୋଲ ଚଳଚଞ୍ଚଳ ହୋଇ ଉଠିଛି। ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସ ନିଜ ନିଜର ନିର୍ବାଚନୀ ପ୍ରସ୍ତୁତିରେ ବ୍ୟସ୍ତ ରହିଥିବା ବେଳେ ନେତାଙ୍କର ଦଳ ବଦଳ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ତେବେ ଏଥର ନିର୍ବାଚନରେ ରାଜ୍ୟର ଦୁଇ ପ୍ରମୁଖ ଦଳ ବିଜେଡି ଓ ବିଜେପି ଏକାଠି ହୋଇ ଲଢ଼ିବେ କି ନା ସେନେଇ ଏବେ ଜନସାଧାରଣଙ୍କ ମଧ୍ୟରେ ପ୍ରଶ୍ନ ଉଙ୍କି ମାରୁଛି। ଗତ ୨୦୦୦ରୁ ୨୦୦୯ ମସିହା ପର୍ଯ୍ୟନ୍ତ ରାଜ୍ୟରେ ବିଜେଡି-ବିଜେପି ମେଣ୍ଟ ସରକାର ଚାଲିଥିଲା। ପରବର୍ତ୍ତୀ ସମୟରେ ଏହି ଦୁଇ ଦଳ ଅଲଗା ହୋଇଯାଇଥିଲେ। ତେବେ ନିକଟରେ ବିଜେପିର ରାଜ୍ୟସଭା ପ୍ରାର୍ଥୀ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସମର୍ଥନ ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ରାଜ୍ୟବାସୀଙ୍କ ହିତକୁ ଦୃଷ୍ଟିରେ ରଖି ବିଜେଡି ଏହି ନିଷ୍ପତ୍ତି ନେଇଥିବା କୁହାଯାଇଥିଲା। ତେଣୁ ଆଗକୁ ବିଜେଡି-ବିଜେପି ମେଣ୍ଟ ହେବା ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା। ତେବେ ଏହା ମଧ୍ୟରେ ୫-ଟି ଓ ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏହି ପ୍ରସଙ୍ଗରେ ମନ୍ତବ୍ୟ ଦେଇଛନ୍ତି। ଲୋକସଭା ନିର୍ବାଚନରେ ବିଜେଡି-ବିଜେପି ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଲଢ଼େଇ ହେବା ଓ ଆସନ ବୁଝାମଣା ହେବା ନେଇ ଏକ ଜାତୀୟ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ଆୟୋଜିତ କନକ୍ଲେଭ ଅବସରରେ ପାଣ୍ଡିଆନଙ୍କୁ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ପାଣ୍ଡିଆନ କହିଥିଲେ, 'ରାଜନୈତିକ ରଣନୀତି ଏଭଳି ସାଧାରଣ ମଞ୍ଚରେ ଆଲୋଚନା କରାଯାଏ ନାହିଁ। କିଛି ପ୍ରସଙ୍ଗରେ ଉତ୍ତର ଜାଣିବା ପାଇଁ କିଛିଦିନ ଅପେକ୍ଷା କରିବାକୁ ପଡିବ।' ସୂଚନାଯୋଗ୍ୟ ଯେ, ରାଜ୍ୟରେ ବିଜେଡି-ବିଜେପି ମେଣ୍ଟ ହେବା ନେଇ ଗତ କିଛି ମାସ ଧରି ଚର୍ଚ୍ଚା ଜୋର ଧରିଥିଲା। ଏନେଇ ରାଜ୍ୟ ଶାଖାର ବିଜେପି ନେତାମାନେ ରୋକଠୋକ୍ ମନା କରିଦେଇଥିବା ବେଳେ ଅଶ୍ୱିନୀଙ୍କୁ ବିଜେଡିର ସମର୍ଥନ ଏହି ପ୍ରସଙ୍ଗକୁ ଅଧିକ ରୋଚକମୟ କରିଦେଇଥିଲା। ସେହିପରି ନବୀନଙ୍କ ଉତ୍ତରାଧିକାରୀ କିଏ ହେବ ସେନେଇ ମଧ୍ୟ ପାଣ୍ଡିଆନ ମନ୍ତବ୍ୟ ରଖିଥିଲେ। ଓଡିଶାବାସୀ ତାଙ୍କର ଉତ୍ତରାଧିକାରୀ ବାଛିବେ। ଠିକଣା ସମୟରେ ରାଜ୍ୟବାସୀ ନବୀନଙ୍କ ଉତ୍ତରାଧିକାରୀ ଚୟନ କରିବେ ବୋଲି ପାଣ୍ଡିଆନ କହିଥିଲେ।

## ଅନୁଗୋଳରେ ବିଜେପିର 'ଲାଭାର୍ଥୀ ସମ୍ପର୍କ ଅଭିଯାନ'ରେ କେନ୍ଦ୍ରମନ୍ତ୍ରୀ

### *ଓଡ଼ିଶା ପରିବର୍ତ୍ତନ ଆଡକୁ ମୁହାଁଇଛି, ମୋଦୀଙ୍କ ସାଙ୍ଗରେ ଓଡ଼ିଶା ଅଛି : ଧର୍ମେନ୍ଦ୍ର ପ୍ରଧାନ*



ତାଳଚେର, ୨୬।୨(ପି.ଏନ): ଓଡ଼ିଶା ବଡ ପରିବର୍ତ୍ତନ ଆଡକୁ ମୁହାଁଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସାଙ୍ଗରେ ଓଡ଼ିଶା ଅଛି ବୋଲି ଅନୁଗୋଳ ଜିଲ୍ଲା ତାଳଚେର ନିର୍ବାଚନମଣ୍ଡଳୀର ଧରମପୁର ପଞ୍ଚାୟତରେ ବିଜେପିର ଲାଭାର୍ଥୀ ସମ୍ପର୍କ ଅଭିଯାନରେ ଲାଭାର୍ଥୀଙ୍କ ସହ ଆଲୋଚନା କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ କ୍ରମାଗତଃ ଢେଙ୍କାନାଳ, ଦେବଗଡ଼, ସମ୍ବଲପୁର ପରେ ଆଜି 'ଲାଭାର୍ଥୀ ସମ୍ପର୍କ ଅଭିଯାନ' ଅଧୀନରେ ଧରମପୁର ପଞ୍ଚାୟତର ହିତାଧିକାରୀ ମାନଙ୍କୁ ଭେଟିଥିଲେ। ଦେଶବ୍ୟାପୀ ଦଳ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ କେନ୍ଦ୍ରମନ୍ତ୍ରୀ ଲାଭାର୍ଥୀ ମାନଙ୍କ ସହ ମୋଦୀଙ୍କ ଯୋଜନାରେ ସେମାନେ କିଭଳି ଉପକୃତହେଉଛନ୍ତି ଏବଂ ସେହି ଯୋଜନା ସେମାନଙ୍କ ଜୀବନରେ କଣ ପରିବର୍ତ୍ତନ ଆଣିଛି ତାହା ଉପରେ ଚର୍ଚ୍ଚା କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ମୋଦୀ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ମାଧ୍ୟମରେ ସମସ୍ତ ଲାଭାର୍ଥୀଙ୍କୁ ଚାଉଳର ଗ୍ୟାରେଣ୍ଟି ଦେଇଛନ୍ତି। ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟର ଗ୍ୟାରେଣ୍ଟି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରାୟ ୩୪ ଲକ୍ଷ ଘର ଓଡ଼ିଶାକୁ ଯୋଗାଇ ଦେଇଛନ୍ତି। ଓଡ଼ିଶା ପ୍ରତି କଂଗ୍ରେସ ସରକାର ଶେଷ ୧୦ ବର୍ଷରେ ୩ ଲକ୍ଷ କୋଟି ଟଙ୍କାର ଦାୟିତ୍ୱ ନେଇଥିବା ବେଳେ ମୋଦି ସରକାର ଏବେ ସୁଦ୍ଧା ୧୮ ଲକ୍ଷ କୋଟି ଟଙ୍କାର ଦାୟିତ୍ୱ ନେଇଛନ୍ତି। କରୋନା ସମୟରେ ମାଗଣାରେ ଟିକା ଉପଲବ୍ଧ କରାଯାଇଛନ୍ତି। ଏସଏଚ୍‌ଜି ମହିଳା ମାନଙ୍କୁ ସ୍ୱଳ୍ପ ସୁଧରେ ଋଣ ଦେଉଛନ୍ତି। ୩ କୋଟି ଲକ୍ଷପତି ଦିଦି ବନାଇବାର କଳ୍ପନା ହୋଇଛି। ମୋଦୀଙ୍କ ନେତୃତ୍ୱରେ ଦେଶର ଗୌରବ ବଢିଛି। ଦେଶର ସର୍ବାଙ୍ଗୀନ ବିକାଶ ହେଉଛି। ଗରିବ, ଯୁବକ, ମହିଳା ଓ ଚାଷୀମାନେ ମୋଦୀଙ୍କୁ ଆଶୀର୍ବାଦ କରିବା ପାଇଁ ଏକାଠି ହୋଇଛନ୍ତି। ମୋଦୀ ଗ୍ୟାରେଣ୍ଟି, ଭରସାର ଗ୍ୟାରେଣ୍ଟି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି ଅଭିଯାନ ଅଧୀନରେ କେନ୍ଦ୍ରମନ୍ତ୍ରୀ ଘର ଘର ବୁଲି ମୋଦୀଙ୍କ ଷ୍ଟିକର ଲଗାଇବା ସହ ଲିଫଲେଟ୍ ବାଣ୍ଟିଥିଲେ। ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାଙ୍କୁ ଘରେ ଘରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ଉପ ସଭାପତି ଗୋଲଖ ମହାପାତ୍ର, ବିଜେପି ତାଳଚେର ବିଧାନସଭା ର ନେତା କାଳନ୍ଦି ସାମଲ, ଜିଲ୍ଲା ମିଡ଼ିଆ ସେଲ ଅଧ୍ୟକ୍ଷ ପର୍ଶୁରାମ ବାରିକ ,ବିସ୍ତାରକ ଭକ୍ତ ବତ୍ସଳ ବସ୍ତିଆ,ମଣ୍ଡଳ ସଭାପତି ନରେଶ ବେହେରା, ଧରମ ପୁର ପଂଚାୟତ ପ୍ରମୁଖ ଅଜୟ ସାହୁ, ସହ ପ୍ରମୁଖ ହେମନ୍ତ ଘଡେଇ, ବୁଥ ପ୍ରମୁଖ ବିଭୁତି ପ୍ରଧାନ, ପେସ୍କାର ଗଡ଼ନାୟକ,ହେମନ୍ତ ଦାସ, ସୁଶୀଲ ସାହୁ, ଦିବ୍ୟରଞ୍ଜନ ଦାସ,ପ୍ରଶାନ୍ତ ନନ୍ଦ, ରାଜେନ୍ଦ୍ର ସିଂହ,ମନୋଜ ପ୍ରଧାନ, ବିଭୁତି ସାହୁ,କୁନ୍ତଳା ମହାପାତ୍ର, ସ୍ୱାଗତିକା ମହାନ୍ତି ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।କେନ୍ଦ୍ରମନ୍ତ୍ରୀ ଙ୍କୁ ଧରମ ପୁର ଗ୍ରାମରେ ଉତ୍ସର୍ଗୀକୃତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

- ପ୍ରଧାନମନ୍ତ୍ରୀ ଘର, ଚାଉଳ, ଶୌଚାଳୟ ସହ ସମସ୍ତ ସୁବିଧାର ଗ୍ୟାରେଣ୍ଟି ଦେଇଛନ୍ତି
- ମୋଦି ସରକାର ଓଡ଼ିଶା ପ୍ରତି ୧୮ ଲକ୍ଷ କୋଟି ଟଙ୍କାର ଦାୟିତ୍ୱ ନେଇଛନ୍ତି
- ମୋଦୀ ଗ୍ୟାରେଣ୍ଟି, ଭରସାର ଗ୍ୟାରେଣ୍ଟି
- ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାଙ୍କୁ ଘରେ ଘରେ ପହଞ୍ଚାଇବା ପାଇଁ ଲାଭାର୍ଥୀଙ୍କୁ ଦେଲେ ପରାମର୍ଶ








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲଟାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିକ୍ସ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ। |
| ବୃଷ | ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି। |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ। |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ। |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ। |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ। |
| ବିଛା | ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ। |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ। |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ତେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ। |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ। |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ। |




# ମୋମୋ ସଇତାନର ଇନ୍ଦ୍ରଜାଲ

ବ୍ଲୁହ୍ୱେଲ୍ ଗେମ୍‌ଠାରୁ ଆହୁରି ଭୟଙ୍କର ଏହି ମୋମୋ ବର୍ତ୍ତମାନ ପିଲାଙ୍କ ପାଇଁ ପାଲଟିଛି ମୃତ୍ୟୁର ଚାଲେଞ୍ଜ। କେବଳ ପିଲା ନୁହଁନ୍ତି ଯୁବପୀଢ଼ି ଏହାର ଶିକାର ହେଲେଣି। ଦେଶବ୍ୟାପୀ ଏହି ମୋମୋ ଚାଲେଞ୍ଜର ଭୟାନକ ପରିଣତି ଛାତି ଥରାଇ ଦେଲାଣି। ଓଡ଼ିଶାର ରାଉରକେଲାର ଇଞ୍ଜିନିୟରିଂ ଛାତ୍ର ଚେତନ କୁମାର, କୋଡିଏ ବର୍ଷ ବୟସର ଏହି କମ୍ପ୍ୟୁଟର ସାଇନ୍ସ ପଢୁଥିବା ଇଞ୍ଜିନିୟର ମେଧାବୀ ଛାତ୍ର ମୋମୋର ମୃତ୍ୟୁ ଫାଶ ଭିତରେ ଚକ୍ରବ୍ୟୁହର ଅଭିମନ୍ୟୁଙ୍କ ପରି ଭୁବନେଶ୍ୱରରୁ ଯାଇ ଚେନ୍ନାଇରେ ଆତ୍ମହତ୍ୟା କରିଛନ୍ତି। ପ୍ରଥମେ ହ୍ୱାଟସ୍‌ଆପ ମେସେଞ୍ଜର ଜରିଆରେ ଏହି ଗେମ୍‌ର ଲିଙ୍କ ପାଇବା ପରେ ବ୍ୟବହାରକାରୀମାନେ ଆକୃଷ୍ଟ ହୋଇପଡ଼ନ୍ତି ଓ ଖେଳରେ ମାତିବା ପରେ ମୋମୋର ଏକ ଆକାଉଣ୍ଟ ଖୋଲିଥାନ୍ତି। ପରେ ନିଜକୁ ବା ନିଜ ପରିବାରକୁ ଭୁଲିବାର ସନ୍ଦେଶ ମିଳିଥାଏ।




ଏହା ପରେ ପରେ ଏକ ଭୟାନକ ଚିତ୍ର ଆସିଥାଏ ଯାହାର ନିର୍ଦ୍ଦେଶ ନମାନିଲେ ପରିଣାମ ଅତ୍ୟନ୍ତ ଭୟଙ୍କର ହେବ ବୋଲି ଚେତାବନୀ ଦିଆଯାଏ। ଭାରତରେ କାୟା ବିସ୍ତାର କରିଥିବା ଏହି ମୋମୋ ଓଡ଼ିଶାରେ ମୃତ୍ୟୁର ଫାଶ ନେଇ ପହଞ୍ଚି ସାରିଲାଣି।

ଏହି ମୋମେ ଗେମ୍ ହ୍ୱାଟସ୍‌ଆପ ଜରିଆରେ ଏକ ଅଜଣା ନମ୍ବରରୁ ଆସି ଆପଣଙ୍କ ପିଲାଟି ଧରୁଥିବା ମୋବାଇଲ ଫୋନ ବା ତା ସାଇବର ସାଇଟରେ ନିମନ୍ତ୍ରଣ ପାଇଥାଏ। ପରେ ପରେ ଏହା ଭୟାନକ ଦିଗ ସବୁ ଦେଖାଇଥାଏ। ତା ଭିତରେ ପିଲାମାନେ ସହଜ ଶିକାର ହୋଇଯାଆନ୍ତି। ଆଜିକାଲି ସବୁ କାମ ଅନ୍‌ଲାଇନରେ କରିବା ସହ ହାତ ପାଆନ୍ତାରେ କିପରି ଚାହୁଁଥିବା ସମସ୍ତ ସାମଗ୍ରୀ ମିଳିଯିବ ଏହା ପାଇଁ ଲୋକମାନଙ୍କ ଭିତରେ ଏକ ଅହେତୁକ ଦୁର୍ବଳତା ବଢୁଛି। କିଣାକିଣି ହେଉ ବା ଗେମ୍ ଖେଳିବା। କେବଳ ବଡ଼ମାନଙ୍କର ନୁହେଁ, ପିଲାମାନେ ମଧ୍ୟ ଅନ୍‌ଲାଇନ ପ୍ଲାଟଫର୍ମର ବହୁଳ ବ୍ୟବହାର କରୁଛନ୍ତି। ସବୁବେଳେ ଅନ୍‌ଲାଇନରେ ରହିବା ଦ୍ୱାରା ମାନସିକ ଶାନ୍ତି ନଷ୍ଟ ହେବା ସହ ପିଲାଟି ମଧ୍ୟ ମାନସିକ ରୋଗର ଶିକାର ହେବାର ସମ୍ଭାବନା ଥାଏ। ଆଜିକାଲିର ପିଲାମାନେ ଖେଳକୁଦ କରିବା ତଥା ବୁଲାବୁଲି କରି ସାଙ୍ଗସାଥିଙ୍କ ଭିତରେ ସମୟ କାଟିବା ଅପେକ୍ଷା ଘରେ ହେଉ ବା ସାଇବର କେଫ୍ ହେଉ ଭିଡ଼ିଓ ଗେମ୍‌କୁ ଖେଳିବାକୁ ପସନ୍ଦ କରୁଛନ୍ତି। ଯାହାଦ୍ୱାରା ଅନ୍‌ଲାଇନ ଭିଡ଼ିଓ ଗେମ୍‌କ୍ରେଜ୍ ବଢୁଛି। ଆଉଟ ଡୋର ଗେମ୍ ଅପେକ୍ଷା ଏବଂ କାଉଣ୍ଟର ଷ୍ଟ୍ରାଇକ୍ ରେସିଂ ଗେମ୍ ଏବଂ ଭାଟିକାନ ସିଟି ଭଳି ଥ୍ରିଡି ଥ୍ରିଲ ଗେମ୍‌ରେ ପିଲାମାନେ ମନ ଦେଉଛନ୍ତି। ଅତ୍ୟଧିକ ଭିଡ଼ିଓ ଗେମ୍ ଖେଳିବା ମାନସିକ ବିକୃତିର କାରଣ ବୋଲି କୁହାଯାଇଛି।

ଆଜିକାଲିର ବ୍ୟସ୍ତ ବହୁଳ ଜୀବନ ଓ ଅଧିକାଂଶ ପରିବାରର ବାପା-ମାଆ ଦୁଇଜଣ କର୍ମଜୀବୀ ହେବାରୁ ପ୍ରାୟତଃ ପିଲାମାନଙ୍କୁ ସମୟ ଦେବାର ସୁଯୋଗ ପାଆନ୍ତି ନାହିଁ। ପିଲାମାନଙ୍କ ହାତପାହାନ୍ତାରେ ମୋବାଇଲ ସହଜରେ ଉପଲବ୍ଧ ହେଉଥିବାରୁ ଏହାକୁ ମୋମୋ ରାକ୍ଷାସ ସହଜରେ ନିଜ ଶିକାର କରିବାର ସୁଯୋଗ ପାଇପାରୁଛି। ପିଲାଟି ଯଦି ପ୍ରାୟ ସମୟ ଚୁପ୍‌ଚାପ ବା ଉଦାସ ରହୁଥାଏ, ସାଙ୍ଗ ଓ ପରିବାର ଲୋକଙ୍କ ଠାରୁ ଦୂରେଇ ଏକାକୀ ରହିବାକୁ ଭଲ ପାଉଥିଲେ, ହଠାତ୍ ରାଗିଯିବା, ଖାଇବା, ପଢ଼ିବା ଓ ଶୋଇବାରେ ଅନିୟମିତତା ରଖିଲେ ଆପଣମାନେ ସତର୍କ ରୁହନ୍ତୁ। କେତେକ କ୍ଷେତ୍ରରେ ପିଲାଟି ନିଜ ଗାଧୁଆ ଘର ହେଉ ବା ବ୍ୟକ୍ତିଗତ କୋଠରୀରେ ନିଜକୁ କ୍ଷତାକ୍ତ କରିଥାଏ। ଓଡ଼ିଶାର କ୍ରାଇମବ୍ରାଞ୍ଚ ପିଲାମାନଙ୍କୁ ସହଜ ଶିକାର କରୁଥିବା ଏହି ମୋମୋ ସାଇବର ସାଇଟ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହ ପିଲାମାନଙ୍କୁ, ଅଭିଭାବକମାନଙ୍କୁ ଓ ଶିକ୍ଷାୟତନମାନଙ୍କୁ ନିୟମିତ ପରାମର୍ଶ ଦେଉଛନ୍ତି। ଆପଣଙ୍କ ପିଲାଟିର ଚାଲିଚଳନ ଓ ବ୍ୟବହାର ହଠାତ୍ ପରିବର୍ତ୍ତନ ହେଲେ ଏହା ହେଉଛି ପ୍ରଥମ ସଙ୍କେତ। ଆପଣଙ୍କ ପିଲାଟି ଯଦି ଜୀବନ ନେଉଥିବା ଏହି ଖେଳ ଖେଳୁଥିବ, ତାହାହେଲେ ସେ ନିଶ୍ଚିତ ଭାବରେ ଇଣ୍ଟରନେଟର ଗୁଗୁଲ୍‌ରେ ସର୍ଚ୍ଚ କରି ଏହାର ତଥ୍ୟ ରଖୁଥିବ। ତେଣୁ ପିଲାଟି ହାତରେ ମୋବାଇଲ ଫୋନ ରହୁଥିଲେ ତାର ମେସେଜ୍ ଓ ଇ-ମେଲ୍ ଆକାଉଣ୍ଟ ଦେଖନ୍ତୁ। ପିଲାଟି ସ୍କୁଲରେ ବା ତା ସାଙ୍ଗସାଥିଙ୍କ ସହ ମିଶୁଥିବାବେଳେ ଅଜବ, ବିଚିତ୍ର, ଅଭୂତପୂର୍ବ ଆଚରଣ କରୁଥିଲେ ଏ କ୍ଷେତ୍ରରେ ପିଲାଟିର ଶିକ୍ଷକ ଶିକ୍ଷୟତ୍ରୀମାନେ ତା ସହିତ ନିୟମିତ ସମ୍ପର୍କ ରଖି ପଚାରି ବୁଝନ୍ତୁ। ପିଲାଟି ବ୍ୟବହାର କରୁଥିବା ସ୍ମାର୍ଟ ଫୋନରେ ‘ଗୁଡ୍ ସାଇବର’ ନାମକ ଆପ୍ ଡାଉନ୍‌ଲୋଡ଼ କରନ୍ତୁ ଯାହାଦ୍ୱାରା ଆପଣ ତା’ର ଅଜାଣତରେ ଜାଣିପାରିବେ ଯେ ସେ ଫୋନ୍‌ରେ କାହାସହ ସମ୍ପର୍କ ରଖୁଛି ଓ କ’ଣ କରୁଛି। କାରଣ ଏହି ଗେମ୍ କେବଳ ହ୍ୱାଟସ୍‌ଆପ୍ ଜରିଆରେ ଖେଳାଯାଇପାରିବ। ତେଣୁ ପିଲାଟିର ହ୍ୱାଟସ୍‌ଆପ ନିୟମିତ ଯାଞ୍ଚ କରନ୍ତୁ। ପିଲାଟି ଯଦି ନିଜ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗଙ୍କ ବ୍ୟତୀତ କେଉଁ ନୂଆ ବ୍ୟକ୍ତି ସହ ଚାର୍ଟ କରୁଛନ୍ତି ଜାଣିଲେ ଏହାକୁ ବ୍ଲକ କରନ୍ତୁ। ଏ କ୍ଷେତ୍ରରେ ଅଭିଭାବକମାନେ ସାଇବର ବିଶେଷଜ୍ଞ ଓ ଆଇଟି ବିଶେଷଜ୍ଞଙ୍କ ସହ ଯୋଗାଯୋଗ କରିପାରନ୍ତି। ଏହି ମୋମୋ ରାକ୍ଷାସର କବଳରୁ ପିଲାଟିକୁ ବଞ୍ଚାଇବା ପାଇଁ କେବଳ ଦାୟିତ୍ୱ ବାପା-ମାଆଙ୍କର ନୁହେଁ; ଶିକ୍ଷାୟତନର ମଧ୍ୟ ଅଛି। ପିଲାଟି ପଢୁଥିବା ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ତାର ଚାଲିଚଳନ ଓ ବ୍ୟବହାର ସମ୍ପର୍କରେ ନଜର ରଖି ନିୟମିତ ଭାବରେ ତାଙ୍କ ଅଭିଭାବକଙ୍କ ସହ ଯୋଗାଯୋଗରେ ରୁହନ୍ତୁ। ପିଲାଟିର ବ୍ୟବହାରରେ ପରିବର୍ତ୍ତନ ଦେଖିଲେ ତା’ ଉପରେ ବିରକ୍ତି, ଗାଳିମନ୍ଦ, ମାରଧର ବା ଜୋରଜବରଦସ୍ତ ବା ମୋବାଇଲ ଫୋନ ଛଡ଼ାଇ ନିଅନ୍ତୁ ନାହିଁ। ଏହାଦ୍ୱାରା ପିଲାଟି ହିଂସ୍ର, ଜିଦ୍‌ଖୋର ଓ ପ୍ରତିଶୋଧପରାୟଣ ହୋଇ କୌଣସି ମୁହୂର୍ତ୍ତରେ କ’ଣ ବି କରିପାରେ। ପିଲାଟି ସହିତ ସମୟ କାଢ଼ି ତା ସହିତ ସୁଖଦୁଃଖ କଥାବାର୍ତ୍ତା ହୁଅନ୍ତୁ, ଜୀବନର ମୂଲ୍ୟବୋଧ ବିଷୟରେ ଅବଗତ କରାନ୍ତୁ। ଅଜଣା ନମ୍ବରରୁ ମେସେଜ୍ ଆସିଲେ ଡିଲିଟ୍ କରିଦିଅନ୍ତୁ, ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ପ୍ରାଇଭେସି ସେଟିଙ୍ଗକୁ ସର୍ବଦା ଅନ୍ ରଖନ୍ତୁ। ଯାହାକି ମୋବାଇଲରେ ଥିବା ଅଜଣା ନମ୍ବର ଲୋକଙ୍କୁ ହ୍ୱାଟସ୍‌ଆପ୍‌ରେ ରଖାଯିବ ନାହିଁ। ପିଲାଟି ପାଇଁ ଏକ ଭଲ ରୁଟିନ୍ ତିଆରି କରନ୍ତୁ। ତାର ଖାଇବା, ପାଠପଢ଼ିବା, ବିଶ୍ରାମ ନେବା ଓ ସାଙ୍ଗସାଥିଙ୍କ ସହ ମିଳାମିଶା ପାଇଁ ସଠିକ୍ ସମୟ ନିର୍ଦ୍ଧାରଣ କରନ୍ତୁ। ସମୟ ପାଇଲେ ପିଲାଟିର ମନ ମୁତାବକ ବାହାର ଜାଗାକୁ ବୁଲାଇ ନିଅନ୍ତୁ। ଦର୍ଶନୀୟ ସ୍ଥାନ, ମେଳା ମହୋତ୍ସବ ବା ପାର୍କ ବା ଦେବାଳୟ ତା ଇଚ୍ଛାରେ ନିଜକୁ ସାମିଲ କରନ୍ତୁ। ପିଲାଟିର ଏ ସଂକ୍ରାନ୍ତ କୌଣସି ସମସ୍ୟା ଥିଲେ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଆଜିକାଲି ଓଡ଼ିଶା ସରକାର ପିଲାମାନଙ୍କ ପାଠପଢ଼ା ଓ ମନୋରଞ୍ଜନ ପାଇଁ ଅନେକ ବ୍ୟବସ୍ଥା ରଖିଛନ୍ତି, ଏହାର ସୁଯୋଗ ନିଅନ୍ତୁ। ଭଗବାନଙ୍କ ଉପରେ ବିଶ୍ୱାସ ରଖନ୍ତୁ, ଉପରୋକ୍ତ ସୂଚନା ମୁତାବକ ଜୀବନଚର୍ଯ୍ୟାରେ ପିଲାଙ୍କୁ ସାମିଲ କରାଇଲେ ଦେଖିବେ ଆପଣଙ୍କ ସବୁ ଚିନ୍ତା ଦୂର ହୋଇଯିବ, ପିଲାଟି ଏହି ମୋମୋ ରାକ୍ଷାସର କବଳରୁ ମୁକ୍ତି ପାଇ ଭଲ ଜୀବନଟି ବିତାଇ ପାରିବ।

# ସମ୍ବିଧାନରେ ଶିଶୁଙ୍କ ପାଇଁ ବାସ୍ତବତା

ଶିଶୁ ହେଉଛନ୍ତି ଆଗାମୀ ଭବିଷ୍ୟତର ସୁନେଲି କଢ଼ିକା। ସେମାନଙ୍କୁ ଆଖି ଆଗରେ ରଖି କେବଳ ପିତାମାତା ନୁହଁନ୍ତି ସମାଜ ବି ନିଜର ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀ ରକ୍ଷା କରାଯାଉଛି। ତେବେ ଚିରାଚରିତ ଭାବରେ ପ୍ରତିବର୍ଷ ଶିଶୁଦିବସ ମହାଆଡ଼ମ୍ବର ସହକାରେ ପାଳିତ ହୋଇଆସୁଥିବାବେଳେ ବାସ୍ତବିକ ଭାବରେ ସେମାନଙ୍କ ପାଇଁ କେତେଦୂର ଆମେ ଚିନ୍ତିତ? ଅନେକ ହୁଏତ ଜାଣିନଥିବେ ସମ୍ବିଧାନ ତିଆରି କଲାବେଳେ ଦେଶର ବିଧି ନିର୍ମାତାମାନେ ଆଗାମୀ ପିଢ଼ି ପାଇଁ ମଧ୍ୟ ସ୍ୱପ୍ନ ଦେଖିଥିଲେ। କହିବାକୁ ଗଲେ ଦେଶର ଭବିଷ୍ୟତ ପୀଢ଼ି ପାଇଁ ସେମାନେ ପ୍ରତିଶ୍ରୁତି ଦେଇଥିଲେ ସମ୍ବିଧାନ ମାଧ୍ୟମରେ। ଶିଶୁମାନଙ୍କ ପାଇଁ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଯୋଗାଣ ରାଜ୍ୟର କର୍ତ୍ତବ୍ୟ ବୋଲି ସେମାନେ ସ୍ଥିର କରିଥିଲେ। ରାଜ୍ୟମାନଙ୍କରେ ମଧ୍ୟ ଦିନକୁ ଦିନ ପୁଷ୍ଟିକର ଖାଦ୍ୟର ବଜେଟ୍ ବଢୁଛି, ମାତ୍ର କୁପୋଷଣର ହାର ସେହି ଅନୁଯାୟୀ କମ୍ ହେଉନାହିଁ। ଆଜି ପର୍ଯ୍ୟନ୍ତ ଦେଶରେ ୬ବର୍ଷରୁ କମ୍ ବୟସର ୧୬କୋଟି ଶିଶୁଙ୍କ ମଧ୍ୟରୁ ମାତ୍ର ୫୦ ପ୍ରତିଶତ ଆବଶ୍ୟକ ଖାଦ୍ୟ ପାଇପାରିଛନ୍ତି। ଦେଶରେ ୪୨.୫ ପ୍ରତିଶତ ଶିଶୁଙ୍କର ଓଜନ ଆବଶ୍ୟକତା ଠାରୁ କମ୍, ୨୦ ପ୍ରତିଶତ ଶିଶୁଙ୍କର ରକ୍ତହୀନତା ସମସ୍ୟା ରହିଛି ଏବଂ ୨୨ ପ୍ରତିଶତ ଶିଶୁଙ୍କର ଜନ୍ମ ସମୟରେ ଓଜନ କମ୍ ରହୁଛି। ଶିଶୁମାନଙ୍କୁ କୁପୋଷଣରୁ ରକ୍ଷାକରିବା ରାଜ୍ୟର ଦାୟିତ୍ୱ ବୋଲି ସମ୍ବିଧାନରେ ସ୍ପଷ୍ଟ ଉଲ୍ଲେଖ ଥିବାବେଳେ ଏଥିପ୍ରତି ସରକାରଙ୍କ ଧ୍ୟାନ ସର୍ବପ୍ରଥମେ ସମ୍ବିଧାନ ପ୍ରଣୟନର ୧୪ବର୍ଷ ପରେ ଆସିଲା। ରାଜ୍ୟମାନଙ୍କର ଖାଦ୍ୟ ଓ ପୁଷ୍ଟି ବୋର୍ଡ଼ ଗଠନ ହେଲା। ପ୍ରଥମେ ଏହା ଖାଦ୍ୟ ମନ୍ତ୍ରାଳୟ ଅଧିନରେ ଥିଲା। ପରେ ୧୯୯୩ ମସିହାରେ ଏହା ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଅଙ୍ଗ ହେଲା। ତେବେ ଏହା ପ୍ରଥମେ କେବଳ କାଗଜ କଲମରେ ସୀମିତ ଥିଲା ବୋଲି କହିଲେ ଚଳେ। ଏଥିପାଇଁ ପ୍ରଥମ ଓ ପ୍ରକୃତ ପଦକ୍ଷେପ ନିଆଗଲା ୧୯୯୭ରେ। ଏକକ ଶିଶୁ ବିକାଶ ଯୋଜନା ଦେଶର ୩୩ଟି ବ୍ଲକରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ବର୍ତ୍ତମାନ ସାତ ହଜାରରୁ ଅଧିକ ଯୋଜନା ମିଳିତ ହୋଇଛି। ୧୩ ଲକ୍ଷରୁ ଅଧିକ ଅଙ୍ଗନବାଡ଼ି ସାମିଲ ହୋଇଛନ୍ତି ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣ ସମ୍ପର୍କିତ ଯୋଜନାରେ। ବର୍ତ୍ତମାନ ଶିଶୁମାନଙ୍କ ପାଇଁ ଏହା ବିଶ୍ୱର ସବୁଠାରୁ ବଡ଼ ପରିଯୋଜନା। ତଥାପି ଏହା ସମ୍ପର୍ଣ୍ଣ ବୋଲି ମଧ୍ୟ କହିହେବ ନାହିଁ। ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଆଇସିଡ଼ିଏସ୍‌ର ପରିସୀମା ଏବେ ଖୁବ୍ ବ୍ୟାପକ। ମାତ୍ର ଲକ୍ଷ୍ୟ ହାସଲ ପାଇଁ ଅନ୍ୟ ମନ୍ତ୍ରଣାଳୟ ଓ ଗ୍ରାମ୍ୟ ପରିବାର କଲ୍ୟାଣ ମନ୍ତ୍ରାଳୟ ଓ ଗ୍ରାମ୍ୟ ବିକାଶ ମନ୍ତ୍ରଣାଳୟର ସହଯୋଗ ଆବଶ୍ୟକ। ଶିଶୁମାନଙ୍କ ପାଖରେ ପୁଷ୍ଟିକର ଖାଦ୍ୟ ପହଞ୍ଚିବାର ଅନୁପାତ ଏବେ ମଧ୍ୟ ଉତ୍ସାହଜନକ ନୁହେଁ। କାରଣ ଏବେ ମଧ୍ୟ ଦୋର ୧୬କୋଟି (୬ବର୍ଷରୁ କମ୍) ଶିଶୁଙ୍କ ମଧ୍ୟରୁ ମାତ୍ର ୫୦ ପ୍ରତିଶତ ପୁଷ୍ଟିକର ଖାଦ୍ୟ ପାଇବା ନିମନ୍ତେ ସମର୍ଥ ହୋଇଛନ୍ତି। ଚଳିତ ବର୍ଷ ଆଇସିଡ଼ିଏସ୍‌ର ବଜେଟ ୬୭୦୫ କୋଟି ଟଙ୍କାରେ ପହଞ୍ଚିଛି। ଏହି ଅର୍ଥରେ ୬ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳା ଏବଂ କିଶୋରୀମାନଙ୍କ ନିମନ୍ତେ ପୁଷ୍ଟିକର ଖାଦ୍ୟର ବ୍ୟବସ୍ଥା କରାଯିବ। ସମ୍ବିଧାନ ଅନୁଯାୟୀ ‘ରାଜ୍ୟମାନେ ନିଜ ନାଗରିକମାନଙ୍କ ଖାଦ୍ୟର ମାନ ଓ ଜୀବନ ଧାରଣର ମାନକୁ ଉଚ୍ଚ କରିବା ଓ ଜନସାଧାରଣଙ୍କ ସ୍ୱାସ୍ଥ୍ୟର ଉନ୍ନତିକୁ ନିଜର ପ୍ରାଥମିକ କର୍ତ୍ତବ୍ୟ ମାନିବେ। ଦେଖାଯାଉ ଶିଶୁମାନଙ୍କ ପ୍ରତି ଏହାର ପ୍ରତିଶ୍ରୁତି କେବେ ପୂରା ହେଉଛି। ପୂଜ୍ୟଶ୍ରୀ କୁମାର ଭାଇ ତାଙ୍କ ତମାମ୍ ଜୀବନର ସାଧନାମୟ ତ୍ୟାଗପୂର୍ଣ୍ଣ ସିଦ୍ଧି ସମୟରେ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ନିଜର ଦୃଷ୍ଟିଭଙ୍ଗୀ ରଖିଥିଲେ। କେବଳ ଭାଷଣ ବା କାଗଜ କଲମ ମାଧ୍ୟମରେ ନୁହଁ ବାସ୍ତବତାର ସହ ଶିଶୁମାନଙ୍କର ଉନ୍ନତିକଳ୍ପେ ଆନ୍ତର୍ଜାତିକ ଅଶୋଭନୀୟତା ନୀରବ ଆନ୍ଦୋଳନକୁ ଜାଗ୍ରତ କରିଥିଲେ। ଶିଶୁମାନଙ୍କୁ ଆଧାତ୍ମିକ ଶିକ୍ଷା ପ୍ରଦାନ ପାଇଁ ବକୁଳ ବନବିଦ୍ୟାଳୟ ପରି ବ୍ୟବସ୍ଥିତ ଭାବରେ କେବଳ ରାଜ୍ୟଭିତରେ ନୁହେଁ ବିଭିନ୍ନ ରାଜ୍ୟରେ ପ୍ରତିଷ୍ଠିତ ଶୋଭନୀୟ ଶିକ୍ଷାଶ୍ରମରେ ସ୍ୱତନ୍ତ୍ର ଭାବରେ ଦେବଶିଶୁ କେନ୍ଦ୍ର ଖୋଲା ଯାଇଛି। ସମାଜରେ ପରିଚୟ ପାଇଁ ସଂଘର୍ଷ କରୁଥିବା ଦାନାକନା ପାଇଁ ହା ହୁତାଶ ଚିନ୍ତା ଭିତରେ ନିଜର ଠିକଣା ଖୋଜିବାକୁ ସଂଗ୍ରାମରତ ତଥାକଥିତ ଅନାଥ ଶିଶୁମାନଙ୍କୁ ପ୍ରେମପୂର୍ଣ୍ଣ ହୃଦୟରେ କୋଳାଇ ସେମାନଙ୍କୁ ବିନା ମୂଲ୍ୟରେ ପାଠପଢ଼ା ଠାରୁ ନିଜ ଗୋଡ଼ରେ ସେମାନଙ୍କୁ ଛିଡ଼ା କରିବା ପାଇଁ ତାଙ୍କ ହାତଗଢ଼ା ଦେବଶିଶୁ କେନ୍ଦ୍ରରେ ଆଜି ବାସ୍ତବରେ ପ୍ରସ୍ଫୁଟିତ ହେଉଛନ୍ତି ଅମୃତମୟ କୁନି କୁନି ପିଲାମାନେ। ସେମାନଙ୍କ ମଧ୍ୟରୁ ଅନେକ ଆଜି ନିଜ ଗୋଡ଼ରେ ଛିଡ଼ା ହୋଇ ସମାଜରେ ପ୍ରତିଷ୍ଠା ଲାଭ କଲେଣି। ତେବେ ସମାଜରେ ଏହି ଦେବଶିଶୁମାନଙ୍କ ପାଇଁ ନିଜର ଦୃଷ୍ଟିଭଙ୍ଗୀକୁ ସମସ୍ତେ ସ୍ୱତନ୍ତ୍ର ଭାବରେ ନିଜର ଉତ୍ତରଦାୟିତ୍ୱକୁ ନିର୍ବାହ କରିବା ହିଁ ଯଥାର୍ଥ ମାନବିକତା। ସମ୍ବିଧାନ ପ୍ରଣେତାମାନେ ଏହି ଦେବଶିଶୁମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଯେଉଁ ଯୋଜନା ପ୍ରଣୟନ କରିଥିଲେ ତାହାକୁ ଯଥାଯଥ ଭାବରେ କାର୍ଯ୍ୟକାରୀ କରି ସେମାନଙ୍କ ମୁହଁରେ ଟିକିଏ ହସ ଫୁଟାଇପାରିବା ପାଇଁ ସହଯୋଗର ହାତ ବଢ଼ାଇବା ଦାୟିତ୍ୱ ବି ସମସ୍ତଙ୍କର।

# ମାତୃତ୍ୱ

ତନ୍ମୟଙ୍କ ଝିଅ ଲାଲିର ବୟସ ମାତ୍ର ଛ ମାସ ହୋଇଥାଏ। ମାଆ ତାର ଡେଙ୍ଗୁ ଜ୍ୱରରେ ପୀଡ଼ିତା ହୋଇ ମୃତ୍ୟୁବରଣ କଲେ। ତନ୍ମୟଙ୍କ ଘରେ ଭାଳେଣୀ ପଡ଼ିଗଲା, ଲାଲିର ଲାଳନ ପାଳନକୁ ନେଇ। ପିତା, ମାତା ଜିଦ୍ ଧରି ବସିଲେ ତନ୍ମୟଙ୍କ ଦ୍ୱିତୀୟ ବିବାହ କରେଇବା ପାଇଁ। ସାଇ ପଡ଼ିଶାର ଲୋକେ, ବନ୍ଧୁବାନ୍ଧବ ସମସ୍ତେ ତାଙ୍କ ପିତାମାତାଙ୍କ କଥାରେ ରାଜି ହୋଇଥିଲେ, ମାତ୍ର ତନ୍ମୟ ଦ୍ୱିତୀୟ ଥର ବିବାହ କରିବାର ଘୋର ବିରୋଧୀ ଥିଲେ। କାରଣ ସେ ନିଃସନ୍ଦେହ ଥିଲେ ଯେ ଯିଏ ତାଙ୍କର ଦ୍ୱିତୀୟ ପତ୍ନୀ ହୋଇ ଆସିବ ଏ ଘରକୁ, ସେ ତାଙ୍କ ଲାଲିର ସାବତ ମାଆ ସାଜି ଲାଲି ପ୍ରତି ଅତ୍ୟାଚାର ଆରମ୍ଭ କରିଦେବ, ଯାହାକି ତାଙ୍କ ପକ୍ଷେ ନିତାନ୍ତ ଅସହ୍ୟ ହୋଇପଡ଼ିବ। ସେତେବେଳେ ସେ ନା ବଞ୍ଚିପାରିବେ ନା ମରିପାରିବେ। ଏକ ଅସନ୍ତୁଳିତ ଜୀବନ ପ୍ରବାହ ଭିତରେ ଆକ୍ତାମାକ୍ତା ହୋଇଯିବେ ପ୍ରତି ମୁହୂର୍ତ୍ତରେ। ମାତ୍ର ବାପା ମାଆଙ୍କ ଜିଦ୍ ଆଗରେ ହାର୍ ମାନିଗଲା ତାଙ୍କର ଏକତରଫା ନିଷ୍ପତ୍ତି। ଶେଷକୁ ସିଏ ରାଜି ହେଇଗଲେ ଆଉ ଥରେ ବିବାହ କରି ଲାଲି ପାଇଁ ଗୋଟିଏ ନୂଆ ମାଆଟିଏ ଆଣିବା ପାଇଁ। ସତକୁ ସତ ପ୍ରାୟ ମାସକ ଭିତରେ ପ୍ରଣୀତା ସହ ବିବାହ ସମ୍ପନ୍ନ ହେଲା ତନ୍ମୟଙ୍କର। ପ୍ରଣୀତା ଯେଉଁ ଦିନଠୁ ତାଙ୍କ ଘରେ ପାଦ ଦେଲା, ଘର ସତେକି ସ୍ୱର୍ଗ ପାଲଟିଗଲା। ନିଷ୍ଠା, ଏକାଗ୍ରତା ଓ ଆନ୍ତରିକତା ସହ କର୍ମରେ ମନୋନିବେଶ ପ୍ରକୃତ ପୂଜା ଅଟେ। ସମସ୍ତଙ୍କର ସବୁ ଆଶଙ୍କା, ସନ୍ଦେହକୁ ଭୁଲ ପ୍ରମାଣିତ କରି ସେ କେବଳ ତନ୍ମୟଙ୍କର ଭଲ ପତ୍ନୀ, ଶାଶୁ ଶ୍ୱଶୁରଙ୍କର ଭଲ ବୋହୂଟିଏ ନୁହେଁ ସର୍ବୋପରି ଲାଲି ପାଇଁ ସବୁଠୁ ଭଲ, ସବୁଠୁ ସ୍ନେହୀ ମମତାମୟୀ ମାଆଟିଏ ହୋଇପାରିଲା। ବାସ୍ତବିକ୍, ବିଜୟ ହାସଲ ପାଇଁ ଯେଉଁମାନଙ୍କର ଆତ୍ମବିଶ୍ୱାସ ଅଛି, ସେହିମାନେ ହିଁ ବିଜୟୀ ହୋଇପାରନ୍ତି।

ଲାଲି ଶୁକ୍ଳପକ୍ଷ ଚନ୍ଦ୍ରମା ଭଳି ବଢ଼ିବାକୁ ଲାଗିଲା। ନୂଆ ମାଆର ନିଃସ୍ୱାର୍ଥପର ଭଲପାଇବା ଓ ଅମାପ ସ୍ନେହରେ ସେ ବେଳକୁ ବେଳ ଏପରି ବାନ୍ଧି ହୋଇଗଲା ଯେ ନା ସେ ଘରଲୋକେ, ନା ସାଇପଡ଼ିଶା, ନା କେହି ବନ୍ଧୁ ସମ୍ପର୍କୀୟ ଜାଣିବାର ଅବକାଶ ପାଇଲେ କି ଲାଲିର ସେ ସାବତ ମାଆ ବୋଲି। ଭଗବାନ, ତାଙ୍କର ପ୍ରତ୍ୟେକଟି ସୃଷ୍ଟିକୁ କିଛି ବିଶେଷ ଗୁଣ ପ୍ରଦାନ କରିଛନ୍ତି। ଦୁବର ବୈଶିଷ୍ଟ୍ୟ ଦାରୁ ପାଖରେ ନାହିଁ, ଯିଏ ଯାହା ଜାଗାରେ ଅନନ୍ୟ।

ତନ୍ମୟ ନିତି ଅଫିସ୍‌ରୁ ଫେରି ପ୍ରଣୀତାକୁ ଦେଖି ଆଶ୍ଚର୍ଯ୍ୟ ହୁଅନ୍ତି, କିପରି ସେ ମେସିନ୍ ପରି ଖଟୁଥାଏ ଅହର୍ନିଶି। କିନ୍ତୁ କେବେ ବି ଥକି ପଡ଼େନି। ଟିକିଏ ସମୟ ପାଇଲେ ଲାଲିର ସେବା, ଯତ୍ନରେ ଆହୁରି ଆହୁରି ମନଧ୍ୟାନ ଦେଇ ଲାଗିପଡ଼େ। ପାଣି ବିନା ମାଛ ପରି ଲାଲି ମାଆକୁ ନ ଦେଖି ମୁହୂର୍ତ୍ତଟିଏ ବି ରହିପାରେନି !!

ତନ୍ମୟ ଦିନେ ତନ୍ମୟ ହୋଇ ଦେଖୁଥିଲା ମାଆ-ଝିଅଙ୍କ ଏହି ପବିତ୍ର ବନ୍ଧନକୁ, ସ୍ୱର୍ଗୀୟ ଭଲ ପାଇବାକୁ। ଆଉ ଉତ୍କଣ୍ଠାକୁ ଅଧିକ ସମୟ ନିଜ ଭିତରେ ଚାପି ରଖିବାକୁ ଅସମର୍ଥ ହୋଇ ସେଦିନ ଭୁସ୍‌କିନା ପଚାରିଦେଲେ ପ୍ରଶ୍ନଟିଏ ପ୍ରଣୀତାକୁ, “ପ୍ରଣୀତା, ତୁମେ ‘ସାବତ ମା’ ହୋଇ ବି ଲାଲି ପ୍ରତି ଏତେ ସ୍ନେହ, ମମତା ଅକୁଣ୍ଠ ଚିତ୍ତରେ କିପରି ଅଜାଡ଼ି ଦେଇ ପାରୁଛ? ତୁମେ ତ ସମସ୍ତଙ୍କଠାରୁ ଭିନ୍ନ, ଏକ ବ୍ୟତିକ୍ରମ। ଏ ଘରକୁ ତୁମ ଆଗମନ ପରେ ପରେ ମୁଁ ଅନୁଭବ କରୁଛି କି ସାବତ ମା’ ଶବ୍ଦଟି ହିଁ ଅଭିଧାନରୁ ଉଠେଇ ଦିଆଯିବା ଉଚିତ।”

ପ୍ରଣୀତା ଧୀର, ନମ୍ର ତଥା ସ୍ୱାଭାବିକ ଢଙ୍ଗରେ ଉତ୍ତର ଦେଲା, ମଣିଷ ସ୍ୱଳ୍ପ ସମୟରେ ଖରାପ ହୋଇଯାଇପାରେ। ମାତ୍ର ଭଲ ହେବାପାଇଁ ବର୍ଷ ବର୍ଷର ଅଭ୍ୟାସ ଦରକାର। ମୁଁ ଗୋଟିଏ ଆଦର୍ଶ ମାଆ ହେବାର ସମସ୍ତ ଶିକ୍ଷା ମୋର ମାଆଙ୍କ ଠାରୁ ପାଇଛି। ସମସ୍ତେ ଜାଣନ୍ତି ମାଆ ହିଁ ସନ୍ତାନର ପ୍ରଥମ ଶିକ୍ଷୟିତ୍ରୀ। ମାତ୍ର ମୋ ମାଆ ତ ମୋ ପାଇଁ ମାଆ ହୋଇ ନଥିଲା, ବରଂ ପାଲଟି ଯାଇଥିଲା ଏକ ରାକ୍ଷସୀ। ମୋତେ ଦୁଇ ବର୍ଷ ହୋଇଥିଲା, ଯେତେବେଳେ ମୁଁ ମୋ ମାଆକୁ ହରାଇଥିଲି। ସେତିକିବେଳେ ମୋ ବାବା ମୋତେ ମୋ ସାବତ ମାଆକୁ ଭେଟି ସ୍ୱରୂପ ଦେଲେ ଯାହାର ତାଡ଼ନାର, ଅତ୍ୟାଚାରରେ ମୁଁ ଦିନ ଦିନ, ମାସ ମାସ, ବର୍ଷ ବର୍ଷ ଛଟପଟ ହେଇ ଜୀଇଁଥିବା ଅବସ୍ଥାରେ ମରୁଥିଲି। ତେଣୁ ମୁଁ ମୋର ତିକ୍ତ ଅନୁଭୂତିରୁ ସାଉଁଟି ଆଣିଛି ସ୍ନେହ ମମତାରେ ସଦା ଛଳଛଳ କଳକଳ ଗୋଟିଏ ପବିତ୍ର ନିର୍ମଳ, ନିଃସ୍ୱାର୍ଥପର ମାଆଟିର ହୃଦୟକୁ, ଆଉ ତାକୁ ସ୍ଥାପନ କରିଛି ମୋରି ଭିତରେ। ମୁଁ ଶିକ୍ଷା ପାଇଛି, ଯାହା ମୋ ମାଆ ମୋ ପାଇଁ ହୋଇଥିଲେ, ମୁଁ ଠିକ୍ ତାର ବିପରୀତ ହେବି ଆଉ ଦୁନିଆକୁ ଦେଖାଇଦେବି ସବୁ ସାବତ ମାଆମାନେ ଖରାପ ନୁହଁନ୍ତି, ତାଙ୍କ ଭିତରୁ ଅଧିକାଂଶ ଯଶୋଦା ମଧ୍ୟ ହୋଇଥାଆନ୍ତି। ମଣିଷ ଉଭୟ ସକାରାତ୍ମକ ଓ ନକାରାତ୍ମକ ପରିସ୍ଥିତିରୁ ଶିକ୍ଷା କରିଥାଏ। ମୁଁ ମଧ୍ୟ ସବୁକିଛି ଏଇ ପରିସ୍ଥିତି ଆଉ ପରିବେଶରୁ ଶିକ୍ଷା କରିଛି। ତନ୍ମୟ ବହୁତ ପ୍ରୀତ ହୋଇ ପୁଣି ଥରେ ଦ୍ୱିତୀୟ ପ୍ରଶ୍ନଟି ପଚାରିଲେ ପ୍ରଣୀତାକୁ। “ପ୍ରଣୀତା, ଏ ଘରକୁ ଆସିବା ପରେ ପରେ ହିଁ ଲାଲି ପାଇଁ ତମେ ଏତେ ବଡ଼ ତ୍ୟାଗ କିପରି କରିପାରିଲ? ତୁମେ ସଙ୍କଳ୍ପଟିଏ କରିନେଲ ଯେ “ଲାଲି ହିଁ ହେବ ଆମ୍ଭମାନଙ୍କର ଏକମାତ୍ର ସନ୍ତାନ। ଅର୍ଥାତ୍ ତୁମେ ନିଜର ଆଉ ଏକ ସନ୍ତାନ କାମନା ନ କରିବା କ’ଣ ତୁମର ଆଉ ଏକ ମହାନତା ନୁହେଁ କି?” ପ୍ରଣୀତା ସ୍ମିତ ହସି ଉତ୍ତର ଦେଇଥିଲା, “ଚାହିଁବା ମୁତାବକ ଜୀବନ ମିଳେନା। ଯେମିତି ଜୀବନ ମିଳେ ତାକୁ ଖୁସିରେ ଜୀଇଁବା ହିଁ ମୂଳକଥା। ମୋ ଠାରୁ ବଡ଼ ସୌଭାଗ୍ୟବତୀ ଆଉ କିଏ ହୋଇପାରେ? ମୁଁ ଏକା ସାଙ୍ଗରେ ତୁମ ଭଳି ସ୍ୱାମୀ ଓ କନ୍ୟାରତ୍ନଟିଏ ଲାଭକଲି। ଏଥିପାଇଁ ମୋତେ ଦଶମାସ ଦଶଦିନ ଗର୍ଭଧାରଣ କରିବାକୁ ପଡ଼ିନାହିଁ କି ପ୍ରସବ ବେଦନା ସହ୍ୟ କରିବାକୁ ପଡ଼ିନାହିଁ। ଦେଶର ପ୍ରଗତି ଆଉ ଉନ୍ନତି ପ୍ରକ୍ରିୟାରେ ସାମିଲ ହୋଇ ଆମେ ବି ସେଇ ଗୋଟିଏ ସନ୍ତାନକୁ ଈଶ୍ୱରଙ୍କ ବରଦାନ ବୋଲି ଭାବିନେଲେ। ଏଠାରେ ତ୍ୟାଗର ପ୍ରଶ୍ନ ଉଠୁଛି କେଉଁଠି? ବରଂ ଈଶ୍ୱର, ଦୁର୍ଲଭ ମାତୃତ୍ୱଟିକୁ ମୋତେ ଏତେ ସହଜରେ ପ୍ରଦାନ କରିଥିବାରୁ ମୁଁ ତାଙ୍କ ନିକଟରେ ଚିର ଋଣୀ।” ତନ୍ମୟ ଅବାକ୍ ହୋଇ ଅନେଇଥିଲେ ପ୍ରଣୀତାର ମୁହଁକୁ, ତାଙ୍କର ଅଲିଅଳି ଝିଅ ଲାଲିକୁ। ପ୍ରଣୀତା ଲାଲିର ମୁଣ୍ଡକୁ ଆଉଁସି ଦେଇ ଶୁଆଇ ଦେବାକୁ ଉଦ୍ୟମ କରୁଥିଲା।

# ସେବା ଦିବସ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ‘ସେବା ଦିବସ’ ଅବସରରେ, ଉତ୍କଳ ବିପନ୍ନ ସହାୟତା ସମିତ ଆନୁକୂଲ୍ୟରେ ସମିତିର ମଞ୍ଚେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟ “ସେବା” ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କ୍ୟାପିଟାଲ ହସ୍ପିଟାଲ୍‌ର ବ୍ଲଡବ୍ୟାଙ୍କ ଅଫିସର ଡା. ଦେବାଶିଷ ମିଶ୍ର ସମ୍ମାନିତ ଅତିଥି ଭାବରେ ଏବଂ ଆଇ.ଏମ୍.ଏସ୍, ସମ୍ ହସ୍ପିଟାଲ ୟୁରଲୋଜିର ବିଭାଗୀୟ ମୁଖ୍ୟ ଡା. ସୁରେନ କୁମାର ଦାସ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡା. ଦେବାଶିଷ ମିଶ୍ର ରକ୍ତଦାନ କଲେ କେହି କେବେ ଦୁର୍ବଳ ହୋଇଯାଏ ନାହିଁ । ରକ୍ତ କେବଳ ମଣିଷ ଦାନ କରେ ଏବଂ ମଣିଷଙ୍କ ଦେହରେ ହିଁ ଲାଗେ। ଡା. ସୁରେନ କୁମାର ଦାସ କହିଥିଲେ ଯେ ବିଜ୍ଞାନାଗାରରେ ରକ୍ତ ତିଆରି କରି ହୁଏନା ଓ ଏହାର କୌଣସି ବିକଳ୍ପ ନାହିଁ। ମଣିଷଙ୍କ ଦେହରେ ଥିବା ଅସ୍ଥିମଜ୍ଜାରୁ ହିଁ ରକ୍ତ ତିଆରି ହୁଏ ଏବଂ ମଣିଷ ଦେହରେ ହିଁ ଲାଗେ। ଜଣେ ୧୮ ବର୍ଷରୁ ୬୫ ବର୍ଷ ବୟସ୍କ ସୁସ୍ଥ ପୁରୁଷ ବା ସ୍ତ୍ରୀ ତିନିମାସ ଅନ୍ତରରେ ରକ୍ତ ଦାନ ଦାନ କରି ପାରିବେ। ଏହାଦ୍ୱାରା ଗୋଟିଏ ରକ୍ତ ବୋତଲରୁ ୩ ଜଣ ରୋଗୀ ଉପକୃତ ହେବା ସହ ରକ୍ତଦାତା ନିଜର ହୃଦଘାତ ପରି ମାରାତ୍ମକ ରୋଗରୁ ମୁକ୍ତି ପାଇପାରିବ। ଏହି ଶିବିରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ ସଂଘଚାଳକ ମା. ସମୀର କୁମାର ମହାନ୍ତି ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ ଓ ସମିତିର ସଭାପତି ଇଂ. ଅକ୍ଷୟ କୁମାର ବିଙ୍ଗ ସଭାପତିତ୍ୱ କରିଥିଲେ।

# ଦୁଇଟି ମନ୍ଦିରରୁ ଚୋରି

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଜାରକା ବିଟ ହାଉସ ଅଧିନ ଜାରକା ଶିଙ୍ଗାଂଚଳରେ ଥିବା ତାରିଣୀ ମନ୍ଦିରରୁ କେହି ଦୁର୍ବୃତ୍ତ ଠାକୁରଙ୍କ ବିଭିନ୍ନ ପିତଳ ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଜାରକା ବିଟ ହାଉସ ଅଧିକାରୀ ପ୍ରଶାନ୍ତ କୁମାର ତ୍ରିପାଠୀ ଷ୍ଟାଫ ସହିତ ସେଠାରେ ପହଁଚି ନିକଟରେ ଥିବା ସିସିଟିଭି ଫୁଟେଜ ଯାଂଚ କରିବା ସହିତ ଘଟଣାର ତଦନ୍ତ କରିଛନ୍ତି। ସୂଚନା ମୁତାବକ ଜାରକା ଶିଙ୍ଗାଂଚଳରେ ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ଏକ ତାରିଣୀ ମନ୍ଦିର ପ୍ରତିଷ୍ଠା କରାଯାଇ ସେଠାରେ ପ୍ରତ୍ୟେହ ପୂଜାର୍ଚ୍ଚନା କରାଯାଉଛି। ତେବେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମନ୍ଦିର ଗେଟ ତାଲା ଭାଙ୍ଗି ପିତଳର ଏକ ଘଂଟ, ଦାନବାକ୍ସ, ବାଲଟି ଓ ନିତି ତିଆରି ହେଉଥିବା ପିତଳ ହଣ୍ଡା ଚୋରୀ କରି ନେଇଛନ୍ତି। ପରଦିନ ସକାଳେ ମନ୍ଦିରର ପୂଜକ ପୂର୍ଣ୍ଣଚନ୍ଦ୍ର ଦେଉରୀ ଏହା ଦେଖିବା ପରେ ସ୍ଥାନୀୟ ଲୋକଙ୍କ ପରାମର୍ଶକ୍ରମେ ଜାରକା ବିଟ ହାଉସରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ଏହି ଥାନା ଭାବାନୀପୁରସ୍ଥିତ ଶିବ ମନ୍ଦିରରୁ ଦୁର୍ବୃତ ମାନେ ଏକ ବଡ ପିତଳ ଘଂଟକୁ ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଧର୍ମଶାଳା ଅଂଚଳରେ ଘନଘନ ଚୋରୀ ବୃଦ୍ଧି ପାଉଥିବାରୁ ପୁଲିସ ରାତ୍ର ପେଟ୍ରୋଲିଂ କଡାକଡି କରିବାକୁ ଦାବି ହୋଇଛି।

# ଗୋଚର ଜମି ଜବରଦଖଲ : ଅଭିଯୋଗ ପରେ ମଧ୍ୟ ପ୍ରଶାସନ ନୀରବ

ଦର୍ପଣ (ପି.ଏନ)-ଯାଜପୁର ଜିଲ୍ଲା ଦର୍ପଣ ତହସିଲ ଅନ୍ତର୍ଗତ କୁନ୍ଦଳ ପଂଚାୟତର ଗରଗାଲି ମୌଜାର ୯ ଏକରରୁ ଉର୍ଦ୍ଧ ଗୋଚର ଜମି ଗରଗାଲି ଓ ସଇକା ଗ୍ରାମର କେତେକ ପ୍ରଭାବଶାଳି ବ୍ୟକ୍ତି ଗରଗାଲି ମୌଜାର ଗୋଚର ଜମିକୁ ଜବରଦଖଲ କରି ନିଜର ବାସଗୃହ, ଗାଡି ଗ୍ୟାରେଜ, ପୋଖରୀ, ବେସରକାରୀ ଶିଶୁ ମନ୍ଦିର ସ୍କୁଲର ଚାରିପାଖେ ବାଡଭାବେ ରଖି ଗୋଚର ଜମିରେ ପରିବାପତ୍ର ଫସଲ କରୁଥିବା ବେଳେ ଆଉ କିଛି ଲୋକ ବାଡ଼ବୁଜି ଗୋଚର ଜମିକୁ ଜବର ଦଖଲ କରି ବୃକ୍ଷ ଲଗାଇଛନ୍ତି। ଆଉ କେତେକ ଜମି ଉପରେ ଚାଷୀମାନେ ଖଳାକରି ଫସଲ ଅମଳ କରୁଛନ୍ତି ଓ କେତେକ ଗୋଚର ଜମି ଉପରେ ସରକାରଙ୍କ ମେଗା ପାନୀୟ ଜଳ ପ୍ରକଳ୍ପ ଓ ବିଦ୍ୟୁତ ବିଭାଗର ଟ୍ରାନ୍ସଫର୍ମର ତଥା ଉଚ୍ଚକ୍ଷମତାସମ୍ପନ୍ନ ବିଦ୍ୟୁତ ମେସିନ ବସାଯାଇଛି। ଫଳରେ ଗୋରୁ ଗାଈ, ଛେଳିମେଣ୍ଢା ଓ ମଇଁଷି ଇତ୍ୟାଦି ଚରିବାକୁ ସୁବିଧା ପାଉନାହାନ୍ତି। ପ୍ରାୟ ଗ୍ରାମର ପ୍ରତ୍ୟେକ ଲୋକ କିଛି ନା କିଛି ଗୃହପାଳିତ ପଶୁ ପାଳିଥାନ୍ତି। ଏହି ପଶୁମାନେ ଗୋଚର ଜମିରେ ଖାଇବା ବିନା ଡହଳ ବିକଳ ହେଉଛନ୍ତି। ଏପରିକି ଚାଷୀମାନେ ନିଜ ଜମିକୁ ହଳ ଲଙ୍ଗଳ କିମ୍ବା ଟ୍ରାକ୍ଟର ନେବାପାଇଁ ରାସ୍ତା ନାହିଁ। ଜମିଚାଷ କିପରି ହେବ ତାହା ସନ୍ଦେହ ସୃଷ୍ଟିକରିଛି। ଏ ସଂପର୍କରେ ରାଜ୍ୟ ରାଜସ୍ୱ ମନ୍ତ୍ରୀ, ଯାଜପୁର ଜିଲ୍ଲାପାଳ ଓ ଦର୍ପଣ ତହସିଲଦାରରଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଓଡିଶା ସରକାର ମନ୍ତ୍ରୀ ତଥା ପଦାଧିକାରୀମାନେ ଜାଣି ନଜାଣିଲା ପରି ନୀରବଦ୍ରଷ୍ଟା ହୋଇ ବସିଛନ୍ତି। ଏହି ଗୋଚର ଜମି ପ୍ଲଟ ନଂ୧୨୪୭ରେ ପୋଖରୀ ଖୋଳା ହୋଇଯାଇଛି। ପ୍ଲଟ ନଂ ୧୨୬୯ ଓ ୧୯୭୩ରେ ବାସଗୃହ ନିର୍ମାଣ କରାଯାଇଛି। ପ୍ଲଟ ନଂ୧୭୮୭ରେ ମଲ୍ଲିହାଶୁଣୀ ସରସ୍ୱତୀ ଶିଶୁ ମନ୍ଦିର ଗୃହ ନିର୍ମାଣ କରାଯାଇଛି। କିଛି ପ୍ରଭାବଶାଳୀ ଗ୍ରାମ ଶ୍ମଶାନକୁ ଜବରଦଖଲ କରିବାକୁ ପଛାଇନାହାନ୍ତି। ଏହି ଗୋଚର ଜମି ଜବରଦଖଲକାରୀଙ୍କୁ ତୁରନ୍ତ ଉଚ୍ଛେଦ କରା ନଗଲେ ଗ୍ରାମବାସୀମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ଗ୍ରାମରେ ୨ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରିଥାନ୍ତି।

# ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୫ତମ ଜନ୍ମଜୟନ୍ତୀ ପାଳିତ

ଦର୍ପଣ (ପି.ଏନ)-ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ମହାନ ଦେଶଭକ୍ତ, ସେବା ଓ ତ୍ୟାଗର ପ୍ରତୀକ ପୂଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୫ତମ ଜନ୍ମଜୟନ୍ତୀ ଉତ୍ସବ ଚଣ୍ଡିଖୋଲ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ ଅଧାପକ ମହାସଂଘର ସଭାପତି ପ୍ରାଧ୍ୟାପକ ପବିତ୍ର କୁମାର ମାହାଲା, ପ୍ରାକ୍ତନ ଅଧକ୍ଷ ଡ. କେଦାରନାଥ ଦାଶ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାହ୍ନୁଚରଣ ସାହୁ, ଶିକ୍ଷକ କେଦାରନାଥ ସାହୁ, ଉଦୀୟମାନ ଅନୁଷ୍ଠାନର ସଂପାଦକ ଅନୀଲ କୁମାର ଦାସ ପ୍ରମୁଖ ଯୋଗ ଦେଇ ଚଣ୍ଡିଖୋଲ ହାଇସ୍କୁଲ ପରିସରରେ ଥିବା ପ୍ରତ୍ୟେକ ମହାମନୀଷିଙ୍କ ପ୍ରତିମୂର୍ତିମାନଙ୍କରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପ୍ରାରମ୍ଭରେ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ଚଣ୍ଡିଖୋଲ ସେଠାରେ ଅତିଥିମାନେ ଉତ୍କଳମଣିଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ଓ ପୁରସ୍କାର ବଂଟନ କରିଥିଲେ। ଏହି ଅବସରରେ ମହାବିନାୟକ ପାଦଦେଶରେ ଥିବା ଖଣ୍ଡିଆବନ୍ଧ ଚାଲାବାଗୁଡି ପୀଠରେ ଫୁଲ ଫଳ ଓ ଚାରାଗଛମାନ ରୋପଣ କରାଯାଇଥିଲା। ଏହାକୁ ମନ୍ଦିର ପରିଚାଳନା କମିଟି ସଭ୍ୟ ଶିକ୍ଷକ ମୁଷଳ ହାଁସଦା, ଅନନ୍ତ ଚରଣ ଦାସ, ଅବସରପ୍ରାପ୍ତ ଶିକ୍ଷକ ଧନେଶ୍ୱର ସ୍ୱାଇଁ, ପୂଜକ ଶ୍ୟାମଚରଣ ସାମଲ, କ୍ଷେତ୍ରବାସୀ ସାମଲ ପ୍ରମୁଖ ଯୋଗଦେଇ ଗୋଟିଏ ଗୋଟିଏ ଚାରାଗଛ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ନାୟକ, ପ୍ରଦୀପ କୁମାର ଦାସ, ସ୍ନେହଲତା ବାରିକ, ସୁଧିର ପ୍ରକାଶ ସିଂ, ଶେଷଦେବ ପୃଷ୍ଟି, ଅନୀଲ କୁମାର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର ସଂପାଦକ ଅନୀଲ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବଜ୍ରପାତରେ ନାବାଳକ ସମେତ ୨ ମୃତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଗଡମଧୁପୁର ପଂଚାୟତ ଭୁବନପୁର ଗ୍ରାମରେ ଗତ ୪ ତାରିଖରେ ବଜ୍ରପାତ ଯୋଗୁଁ ଜଣେ ନାବାଳକ ସମେତ ୨ ଜଣଙ୍କର ମୃତ୍ୟୁ ଘଟିଛି । ମୃତକ ଦ୍ୱୟ ଭୁବନପୁର ଗ୍ରାମର ସୁଲେଖ ମଳିକଙ୍କ ପୁଅ ବାଂଛାନିଧି ମଳିକ (୨୦) ଓ ବବନ ମଳିକଙ୍କ ପୁଅ ଚନ୍ଦନ ମଳିକ (୧୬) ବୋଲି ଜଣାପଡିଛି । ବାଂଛାନିଧି ନିକଟସ୍ଥ ବିଲକୁ ଗାଈ ଆଣିବାକୁ ଯାଇଥିବା ବେଳେ ଚନ୍ଦନ ଘାସ କାଟିବାକୁ ବିଲକୁ ଯାଇଥିଲେ । ଏହି ସମୟରେ ବର୍ଷା ହେବାରୁ ଉଭୟେ ଏକ ଗଛମୂଳରେ ଆଶ୍ରୟ ନେଇଥିଲେ । ଏହି ସମୟରେ ଏକ ବଜ୍ରପାତ ହେବାରୁ ଉଭୟ ତଳେ ଟଳିପଡିଥିଲେ । ଘଟଣାର କିଛି ସମୟ ପରେ ଲୋକେ ସେହି ରାସ୍ତାଦେଇ ଯିବା ବେଳେ ୨ଜଣ ତଳେ ପଡିଥିବା ଦେଖି ସେମାନଙ୍କ ଘରକୁ ଖବର ଦେଇଥିଲେ । ଖବର ପାଇ ପରିବାର ଓ ଗ୍ରାମବାସୀମାନେ ଉଭୟଙ୍କୁ ସେଠାରୁ ଉଦ୍ଧାର କରି ବଡଚଣା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଜେନାପୁର ପୁଲିସ ୧୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବଡଚଣାରେ ଶବ ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ କରିଥିଲେ । ତେବେ ଭୁବନପୁର ଦଳିତସାହିରେ ୨ଜଣଙ୍କ ଅକାଳ ବିୟୋଗ ଯୋଗୁଁ ଗାଁରେ ଶୋକର ଛାୟା ଖେଳିଯାଇଛି ।

# ଲୁଗାଦୋକାନରେ କଳାକନା ବୁଲାଇଲେ ଚୋର

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଶାନ୍ତିବଜାରରେ ଥିବା ଅଭିରାମ ଶାଢ଼ୀ ଓ ଡ୍ରେସେସ୍ ଦୋକାନରେ ଚୋରମାନେ କଳାକନା ବୁଲାଇ ଦେଇଛନ୍ତି । ଦୋକାନ ପଛପାର୍ଶ୍ୱରେ ଥିବା ସଟରକୁ ଗ୍ୟାସ୍ କଟରରେ କାଟି ଚୋର ଦୋକାନରେ ପଶିଛନ୍ତି । ପ୍ରାୟ ୧୦ଲକ୍ଷ ଟଙ୍କା ମୂଲ୍ୟର ଶାଢ଼ୀ ଓ ଅନ୍ୟାନ୍ୟ ପୋଷାକ ଲୁଟି ନେଇଛନ୍ତି । ଏ ସଂପର୍କରେ ଦୋକାନ ମାଲିକ ଉତରପ୍ରତାପ ପଞ୍ଚାୟତ ଚାନ୍ଦମୋହିନୀ ଗ୍ରାମର ସୁବ୍ରତ କୁମାର ନାୟକ ଥାନାରେ ଏତଲା ଦେଇଛନ୍ତି । ଖବର ପାଇ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ହେଁ, ଚୋରି ପୋଷାକ କିମ୍ବା ଚୋରଙ୍କ ସଂପର୍କରେ କୌଣସି ସୁରାକ୍ ମିଳିନାହିଁ । ପ୍ରକାଶ ଯେ, ରାତିରେ ସୁବ୍ରତ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ସକାଳେ ଆସି ଦୋକାନ ଖୋଲି ଦେଖନ୍ତି ତ’ ଦୋକାନ ପଛପାର୍ଶ୍ୱରେ ଥିବା ସଟର କଟାଯାଇଛି । ଥାକରେ ପୋଷାକ ନାହିଁ । ଖୋଳ ସବୁ ଫିଙ୍ଗା ଫୋପଡ଼ା ହୋଇଛି । ୧୦ଲକ୍ଷ ଟଙ୍କାର ବିଭିନ୍ନ ପୋଷାକ ଚୋରି ହୋଇଯାଇଛି । ଚୋରମାନେ ପ୍ରାୟ ୨ଘଣ୍ଟା ଧରି ଲୁଟ୍‌ପାଟ୍ କରିଥିଲେ ହେଁ, ବଜାର ଜଗୁଆଳି କିମ୍ବା ପୁଲିସ୍ ଏହାର ଟେର୍ ପାଇ ନ ଥିଲେ । ବାରମ୍ବାର ଧର୍ମଶାଳା ଅଞ୍ଚଳରୁ ଚୋରି ଓ ଲୁଟ୍ ହେଉଥିଲେ ମଧ୍ୟ ଅଧିକାଂଶ ଚୋରଙ୍କୁ ଗିରଫ କରାଯାଇ ପାରୁନାହିଁ କିମ୍ବା ଚୋରି ସାମଗ୍ରୀ ଉଦ୍ଧାର ହୋଇପାରୁନାହିଁ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୪, ଫେବୃଆରୀ ୨୭

# ଜାତୀୟ ବିଜ୍ଞାନ ଦିବସର ଅନୁଚିନ୍ତା



ଶ୍ରୀ ବିଶ୍ୱଜିତ ପାଣି

ଏହି ପୁଣ୍ୟ ଭାରତ ଭୂମିରେ ବହୁ ମହାମନିଷୀ ସିଏ କଳା, ବିଜ୍ଞାନ, ଓ ବାଣିଜ୍ୟ ହେଉ ଅଥବା ଦର୍ଶନ ତଥା ରାଜନୀତି କ୍ଷେତ୍ରରେ ସମସ୍ତେ ନିଜ ନିଜର ଅଧ୍ୟବସାୟ ତଥା ଅଦ୍ୱିତୀୟ ପ୍ରତିଭା ବଳରେ ବହୁ ଚମତ୍କାର ଦିଗଦର୍ଶନ ଦେଖାଇପାରିବାରେ ସକ୍ଷମ ହୋଇଆସିଛନ୍ତି । ସମୟର ପରିବର୍ତ୍ତନ ସଂଗେ ସଂଗେ ଆଧୁନିକ ଜୀବନ ଉପରେ ବିଜ୍ଞାନ ତାର ଅପରିସୀମ କାୟା ବିସ୍ତାର କରିସାରିଲାଣି । ଏପରିକି ସାମ୍ପ୍ରତିକ ମାନବ ସମାଜ ମଧ୍ୟ ସମ୍ପୂର୍ଣ୍ଣ ମାତ୍ରାରେ ବିଜ୍ଞାନ ଉପରେ ନିର୍ଭରଶୀଳ ହୋଇପଡିଛି । ଉଭୟ ବିଜ୍ଞାନ ଏବଂ ଦର୍ଶନ ଗୋଟିଏ ମୁଦ୍ରା ର ଦୁଇଟି ପାର୍ଶ୍ୱ ଭଳି କାର୍ଯ୍ୟ କରିଥାନ୍ତି ଏବଂ ଏହାର ମୁଖ୍ୟ ଲକ୍ଷ୍ୟ ହେଲା ଲୁକ୍କାୟିତ ତଥ୍ୟ ସବୁର ଉନ୍ମୋଚନ କରିବା । ଅଦ୍ୟାବଧି ୯ ଜଣ ଭାରତୀୟ ତଥା ପ୍ରବାସୀ ଭାରତୀୟ ନୋବେଲ ବିଜେତା ହେବାର ସୌଭାଗ୍ୟ ଲାଭ କରିଆସିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ସାର ଚନ୍ଦ୍ରଶେଖର ଭେଙ୍କଟରମଣ ପ୍ରଥମ ଏସୀୟ ତଥା ସମ୍ପୂର୍ଣ୍ଣ ଭାରତୀୟ ନାଗରିକ ଭାବରେ ବିଜ୍ଞାନ ବିଭାଗରେ ୧୯୩୦ ମସିହାରେ ତାଙ୍କର 'ରମଣ ପ୍ରଭାବ' ପାଇଁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ବିଜେତା ହୋଇପାରିଥିଲେ ଯଦିଓ ବିଶ୍ୱଗୁରୁ ରବିନ୍ଦ୍ରନାଥ ଟାଗୋର ପ୍ରଥମ ଭାରତୀୟ ଭାବରେ ୧୯୧୩ ମସିହାରେ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ପାଇସାରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଡଃ ହରଗୋବିନ୍ଦ ଖୁରାନା ୧୯୬୮ ମସିହାରେ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏବଂ 'ଚନ୍ଦ୍ରଶେଖରଙ୍କ ସୀମା' ପାଇଁ ଡଃ ସୁବ୍ରମଣ୍ୟମ ଚନ୍ଦ୍ରଶେଖର ୧୯୮୩ ମସିହାରେ ତଥା ୨୦୦୯ ମସିହାରେ ଡଃ ଭେଙ୍କଟରମଣ ରାମକୃଷ୍ଣନ ରସାୟନ ବିଜ୍ଞାନ ବିଭାଗରେ ପ୍ରବାସୀ ଭାରତୀୟ ହୋଇ ନୋବେଲ ବିଜେତା ହେବାର ସୌଭାଗ୍ୟ ଲାଭ କରିଆସିଛନ୍ତି ଏବଂ ସମସ୍ତେ ଆମମାନଙ୍କର ନମସ୍ୟ । ଭାରତ ସରକାର ବିଜ୍ଞାନ ତଥା ବୈଷୟିକ ଦିଗ ପ୍ରତି ଅଧିକ ଗୁରୁତ୍ୱ ପ୍ରଦାନ କରି ପ୍ରତିବର୍ଷ ଫେବୃଆରୀ ମାସ ୨୮ ତାରିଖ ଦିନଟିକୁ ଜାତୀୟ ବିଜ୍ଞାନ ଦିବସ ଭାବରେ ୧୯୮୭ ମସିହା ଠାରୁ ପାଳନ କରିଆସୁଛନ୍ତି । କିନ୍ତୁ ଏଠାରେ ଏକ ପ୍ରଶ୍ନ ମନକୁ ଆସେ ଯେ ପ୍ରକୃତରେ ବିଶ୍ୱର ଏକ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ମର୍ଯ୍ୟାଦା ବୋଲାଇଆସୁଥିବା ଭାରତବର୍ଷ ତାର ବୈଜ୍ଞାନିକ ମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦାନ କରିଆସୁଛି କି ? ଏହା ବାସ୍ତବିକ ଆଲୋଚନାଯୋଗ୍ୟ । ସମୟ ବଦଳିଛି ଦେଶ ସ୍ୱାଧୀନତା ହାସଲ କରିବା ପରଠାରୁ ବିଜ୍ଞାନ ତଥା ଅନ୍ୟାନ୍ୟ କାରିଗରୀ ବିଦ୍ୟାରେ ଭାରତ ଅନ୍ୟ ଉନ୍ନତ ରାଷ୍ଟ୍ର ମାନଙ୍କ ସହିତ ପ୍ରାୟ ସମକକ୍ଷ ହୋଇପାରିଛି । ସମୟର କଷଟି ପଥରେ ଭାରତ ତାର ଏହି ପବିତ୍ର ଭୂମିରେ ଏକ ଉନ୍ନତ ମାନର ବୈଷୟିକ ଗବେଷଣାଗାର ସବୁ ପ୍ରତିଷ୍ଠା କରିସାରିଛନ୍ତି । ପୂର୍ବରୁ ଉଚ୍ଚଶିକ୍ଷା ପ୍ରାପ୍ତ ତଥା ଅଧିକ ଗବେଷଣା ପାଇଁ ଭାରତୀୟ ପ୍ରତିଭା ମାନଙ୍କୁ ଦେଶାନ୍ତର ହେବାକୁ ପଡୁଥିବାସ୍ଥଳେ ବର୍ତ୍ତମାନ ସମସ୍ତ କାରିଗରୀ କୌଶଳ ଏହିଠାରେ ଉପଲବ୍ଧ ଏହିଠାରେ ହିଁ ଉପଲବ୍ଧ । ସମ୍ପ୍ରତି ପରିବର୍ତ୍ତିତ ଭାରତୀୟ ସରକାର ମାନେ ଭାରତୀୟ ମେଧା ମାନଙ୍କୁ ଦେଶାନ୍ତର କରି ଏକ ବ୍ୟବସାୟିକ ଭିତ୍ତିଭୂମି ପ୍ରତିଷ୍ଠା କରିବା ପାଇଁ ଆଗ୍ରହ ପ୍ରକାଶ କରିଆସୁଛନ୍ତି । ଏହା ଦ୍ୱାରା ଜଣେ ମେଧାବୀ ଭାରତୀୟ ବିଶେଷଜ୍ଞ ଟିଏ ଅନ୍ୟ ଦେଶରେ ତାର ପ୍ରତିଭା କୁ ସଦୁପଯୋଗ କରି ଯାହା ଆୟ କରେ ତାର ମଜା ଉଠାଇଥାନ୍ତି ଭାରତ ସରକାର । ଯଦି ଆଜି ଭାରତ ବର୍ଷ ବିଦେଶୀ ପୁଞ୍ଜି ର ବୃଦ୍ଧି ଘଟାଇ ନିଜର ଆର୍ଥିକ ଭିତ୍ତିଭୂମି କୁ ସୁଦୃଢ କରିଥାଏ ତେବେ ବହୁକାଂଶରେ ଏହି ପ୍ରବାସୀ ଭାରତୀୟ ବୈଜ୍ଞାନିକ ମାନଙ୍କ ଦ୍ୱାରା । ତେଣୁ ଏଥିରେ ବ୍ୟବସାୟିକ ମନୋଭାବର ସ୍ପଷ୍ଟ ଚିତ୍ର ପରିଲକ୍ଷିତ ହୋଇଥାଏ । ଏହାଦ୍ୱାରା ଆମ୍ଭ ?ମାନେ ଆମ ନିଜ ଦେଶର ପ୍ରକୃତ ପ୍ରତିଭା ମାନଙ୍କୁ ଚିହ୍ନିତ କରିବାରେ ତ୍ରୁଟି କରିଥାଉ । ଏପରିକି ସେହି ସାଧକ ବୈଜ୍ଞାନିକ ମାନଙ୍କୁ ଉଚିତ ମୂଲ୍ୟାଙ୍କନ କରିବାରେ ଅବହେଳା କରିଥାଉ । ଅତୀତର ପୃଷ୍ଠା କୁ ଯଦି ଓଲଟା ଯାଏ ତେବେ ୧୯୮୩ ମସିହାରେ ଭାରତ ନିଜସ୍ୱ କୃତ୍ରିମ ଉପଗ୍ରହ ଇନସାଟ ଠାରୁ ଆରମ୍ଭ କରି ମହାକାଶ ଯାତ୍ରା ରେ ସଫଳତା ତଥା ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ହେବାର ଗୌରବ ହାସଲ କରିବା କିଛି କମ କଥା ନୁହେଁ ଏବଂ ସେହିଭଳି ଆଜି ର ଭାରତୀୟ ବିଜ୍ଞାନୀ ମାନଙ୍କ ଅହୋରାତ୍ର ଗବେଷଣା ର ସଫଳ ରୂପାୟନ ନେଇଛି ଭାରତ ର ଚନ୍ଦ୍ର ଅଭିଯାନ ଚନ୍ଦ୍ରାୟନ-୩ ଠାରୁ ସୂର୍ଯ୍ୟ ଅଭିଯାନ ଆଦିତ୍ୟ ଏଲ-୧ ପର୍ଯ୍ୟନ୍ତ । ସମ୍ପ୍ରତି ଭାରତ ବର୍ଷରେ ସାଧାରଣ ଶିକ୍ଷାନୁଷ୍ଠାନ ତୁଳନାରେ ବୈଷୟିକ ଶିକ୍ଷାନୁଷ୍ଠାନ ମାନଙ୍କର ସଂଖ୍ୟା ଅଧିକ ଏବଂ ଏହା ଦ୍ୱାରା ବୈଷୟିକ ଶିକ୍ଷା କୁ ଅଧିକ ପ୍ରୋତ୍ସାହନ ଦିଆହୋଇଆସୁଅଛି । ଏହି କିଛି ବର୍ଷ ମଧ୍ୟରେ ସାଧାରଣ ସ୍ନାତକ ଡିଗ୍ରୀଧାରୀ ବ୍ୟକ୍ତିମାନଙ୍କ ଅପେକ୍ଷା ବୈଷୟିକ ଶିକ୍ଷା ପ୍ରାପ୍ତ ଧାରୀ ବ୍ୟକ୍ତି ମାନଙ୍କ ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ଘଟିଛି ତେବେ ଏହା ଦ୍ୱାରା ଲାଭ କ୍ଷତି ର ବି ଅନୁଶୀଳନ ହେବା ର ସମୟ ଆସିଯାଇଛି । ବର୍ତ୍ତମାନ ବହୁ ବୈଷୟିକ ଶିକ୍ଷାଧାରୀ ବ୍ୟକ୍ତି ତାଙ୍କର ସଫଳ ଶିକ୍ଷାପ୍ରାପ୍ତ ପରେ ଭାରତୀୟ ସିଭିଲ ସେବା ପ୍ରତି ଆକର୍ଷିତ ହୋଇଆସୁଛନ୍ତି କାରଣ ଏହାଦ୍ୱାରା ସେମାନେ ନିଜ ନିଜର ଆର୍ଥିକ ଏବଂ ସାମାଜିକ ପ୍ରତିଷ୍ଠା କୁ ଜାହିର କରିବାରେ ଉପଯୁକ୍ତ କ୍ଷେତ୍ରଟିଏ ପ୍ରସ୍ତୁତ କରିଥାନ୍ତି ଏଥିରୁ ଏହା ସୁସ୍ପଷ୍ଟ ଯେ ଭାରତୀୟ ବ୍ୟବସ୍ଥାରେ କେବଳ ପ୍ରଶାସନିକ ସେବାର ଅଧିକାରୀ ମାନେ ହିଁ ସମସ୍ତ ସାମାଜିକ ପ୍ରତିଷ୍ଠା ତଥା ଅଖଣ୍ଡ କ୍ଷମତା ର ଅଧିକାରୀ ଏବଂ ଆଉ ଯେଉଁ ମାନେ ଅନ୍ୟ ପଦ ପଦବୀରେ ଅଧିଷ୍ଠିତ ସେମାନେ କୌଣସି କ୍ଷମତା ର ଅଧିକାରୀ ନୁହନ୍ତି ତେଣୁ ଆମର ଅହୋରାତ୍ର ଗବେଷଣାରତ ବୈଜ୍ଞାନିକ ମାନେ କାହିଁକି ବା ଏଥିରୁ ବାଦ ନ ପଡିବେ ଏହା ହିଁ ଏକ ବିବେକତା ର ପ୍ରଶ୍ନ । ସର୍ବଶେଷରେ ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱ ମାନେ ଯେଉଁମାନେ ପ୍ରତ୍ୟକ୍ଷ ଅବା ପରୋକ୍ଷରେ ଦେଶ ର ମର୍ଯ୍ୟାଦା ଏବଂ ଗୌରବ ଆଣିବାରେ ସମର୍ପିତ ସେମାନଙ୍କୁ କେବଳ ଆର୍ଥିକ ପ୍ରୋତ୍ସାହନ ନୁହେଁ ବରଂ ଯଥୋଚିତ ସମ୍ମାନ ତଥା ଆତ୍ମ ପ୍ରତିଷ୍ଠା ରେ ଭାଗିଦାରୀ କରିବା ହିଁ ଏକ ନିର୍ବାଚିତ ଗଣତାନ୍ତ୍ରିକ ସରକାରଙ୍କ ମୌଳିକ କର୍ତ୍ତବ୍ୟ ହେବା ଉଚିତ ।

*ଅରୁଣୋଦୟ ନଗର, କଟକ-୧୨*
*ଦୂରଭାଷ : ୭୦୦୮୬୯୧୪୩୪*

# ସହାସ୍ୟ ଜୀବନ



ଇଂ.ସଚ୍ଚିଦାନନ୍ଦ ନନ୍ଦ

ବିରସ ବଦନ ରହିବା ବା ଦେଖିବାକୁ କେହି ପ୍ରାୟ ଭଲ ପାଆନ୍ତି ନାହିଁ। ମାତୃଗର୍ଭରୁ ଯିଏ ଯେତିକି ସୁନ୍ଦର ହୋଇ ଜନ୍ମ ହୋଇଛି ତା' ସୌନ୍ଦର୍ଯ୍ୟ କିଛି ମାତ୍ରାରେ ବଢ଼ି ଯାଏ ସହାସ୍ୟ ଜୀବନ ଯାପନ କଲେ। ନିଜ ଦର୍ପଣ ନିଜ ଚେହେରାକୁ ପ୍ରଶଂସାପତ୍ର ଦେବା ସଙ୍ଗେ ସଙ୍ଗେ ସାଥି, ବନ୍ଧୁବାନ୍ଧବମାନେ ମଧ୍ୟ ବିନା କାରଣରେ ଖୁସି ହୁଅନ୍ତି ଗୋଟିଏ ସରସ ବଦନ ବ୍ୟକ୍ତିଙ୍କୁ ଦେଖିଲେ। ପ୍ରକୃତରେ ମଣିଷ ଖୁସି ରହିବା ହିଁ ତା ଜନ୍ମର ଧର୍ମ। ଛୋଟ ପିଲା ହୋଇ ସମସ୍ତେ ଜନ୍ମ ଲାଭ କରିଥାନ୍ତି ଏବଂ ସେହି ଦିନଠାରୁ ସେ ଖୁସିରେ ହିଁ ତା'ର ଦିନ ଅତିବାହିତ କରେ। ଯଦି ସେ କାନ୍ଦେ, ଯାହା ତା'ପାଇଁ ସ୍ୱାଭାବିକ ନୁହେଁ, ସମସ୍ତେ ବ୍ୟସ୍ତ ହୋଇ ଖୋଜି ବସନ୍ତି ତାହାର କାରଣ। ପିଲାକୁ ଭୋକ ହେଲାଣି, ବା ପରିସ୍ରା କରି ଦେଇଥିବ ବା ଶଯ୍ୟାରେ କିଛି ବାହ୍ୟ ପଦାର୍ଥ ତା ଦେହକୁ କଷ୍ଟ ଦେଉଥିବ ଇତ୍ୟାଦି ଇତ୍ୟାଦି। କହିବାର ତାତ୍ପର୍ଯ୍ୟ ହେଉଛି କିଛି ଗୋଟିଏ ଅସ୍ୱାଭାବିକ ପରିସ୍ଥିତି ନ ପଡ଼ିଲେ ପିଲା ତା ସ୍ୱଭାବବଶତଃ ଖୁସିରେ ଦୋଳାରେ ଖେଳିବା କଥା। କିଛି ଗୋଟିଏ ଅଘଟଣ ନ ଘଟିଲେ କାହିଁକି ବା କାନ୍ଦନ୍ତା ? ସେଇ ପିଲା ବଡ଼ ହୋଇ ଆମ୍ଭମାନଙ୍କ ପରି ହୋଇଛି। ଆମର ମଧ୍ୟ ସ୍ୱଭାବ ହେଉଛି ଖୁସିରେ ରହିବା। ଦୁଃଖିତ ହେବା ପଛରେ କିଛି ଗୋଟିଏ ଅସ୍ୱାଭାବିକ ଘଟଣା ଥିବ ନିଶ୍ଚିତ।

ମହାପୁରୁଷମାନେ, ଈଶ୍ୱରକୋଟୀ ପୁରୁଷମାନେ ଓ ଆଧ୍ୟାତ୍ମିକ ଗବେଷକମାନେ ତାଙ୍କ ଅଭିଜ୍ଞତା ଓ ଦୀର୍ଘ ଅନୁଭୂତିରୁ କହନ୍ତି, ବିରସ ଜୀବନର ପ୍ରମୁଖ କାରଣ ହେଉଛି, ଅତୃପ୍ତ କାମନା ବାସନା। ଆମ୍ଭେମାନେ ମଧ୍ୟ ସଂସାରରେ ଯେତିକି ବର୍ଷ ବିତାଇଲେଣି ନିରପେକ୍ଷ ଭାବେ ଦେଖିଲେ ଏଥିରେ ଏକମତ ହେବା। ଆମ୍ଭେମାନେ କାମନାବାସନା ଶୂନ୍ୟ ହୋଇପାରିବା ନାହିଁ। ଏହା ମଧ୍ୟ ଆମକୁ ଭଲ ଭାବେ ଜଣା ଯେ ଆମର ସମସ୍ତ କାମନା ବାସନା ପୂରଣ ହୋଇପାରିବ ନାହିଁ। ଆମେ ଚାହୁଁଥିବା ଅବଧି ଭିତରେ ପୂରଣ ହୋଇପାରିବ ନାହିଁ, ଆମ ଧନବଳ, ଜନବଳ, ବାହୁବଳ ବା ସାମାଜିକ ବଳ ଦ୍ୱାରା ପୂରଣ ହୋଇପାରିବ ନାହିଁ। ତେଣୁ ଯେତିକି ପୂରଣ ହେଲା ସେତିକିରେ ସନ୍ତୁଷ୍ଟ ହୋଇ ରହିବା ବା କାମନା ବାସନାର ସଂଖ୍ୟା କମାଇ ଦେବା ବିଜ୍ଞତାର ପରିଚୟ ହେବ। ଅପୂର୍ଣ୍ଣତାକୁ ନେଇ ଖୁସି ହେବା ପରିବର୍ତ୍ତେ ଯାହା ପାଇନେ ତାକୁ ଧରି ବସି ଦୁଃଖ କରିବା କି ବିଜ୍ଞତାର ପରିଚୟ ?

ସହାସ୍ୟ ବଦନ ଓ ସରସ ଜୀବନ ଏକ ମାନସିକତା। ଜଣେ ଇଚ୍ଛା କଲେ, ମନ କଲେ, ଯେ କୌଣସି ପରିସ୍ଥିତିରେ ବି ଖୁସି ରହି ପାରିବ। ପ୍ରତିକୂଳ ପରିସ୍ଥିତିରେ ବି ତାହାର ସ୍ୱଭାବ ଛାଡ଼ିବ ନାହିଁ। ଦୁଃଖ କଲେ କ'ଣ ହୋଇଯିବ, କିଏ ଆଣି ଦେଇଯିବ, ଲୋକେ ସହାନୁଭୂତିମୂଳକ କଥା କହିବେ ସିନା ଦୁଃଖର ଦୁଃଖ କେତେ ପରିମାଣରେ ଲାଘବ ହେବ ? ହେବ କେବଳ ନିଜ ମାନସିକତା ଦ୍ୱାରା। ରାଜସିକ ଭାବ ସମ୍ପନ୍ନ ବ୍ୟକ୍ତି କହିବେ, 'ନେହିଁ ଛୋଡେଙ୍ଗେ, ପାକର ହିଁ ରହେଙ୍ଗେ' ସେଥିପାଇଁ ଦୌଡ଼ିବେ, ନିଦ ହଜାଇ ଦେବେ, ପଇସା ଉଡାଇ ଦେବେ, ନେତାଙ୍କୁ ଧରାଧରି କରିବେ ତଥାପି ଯଦି ସଫଳ ନହୁଅନ୍ତି ତେବେ ମିତ୍ରଙ୍କୁ ଶତ୍ରୁ ଭାବିବେ। ଆମ ବିଫଳତାର କାରଣ ଯିଏ ବୋଲି ସେ ଭାବିବେ ତା ଉପରେ ରକ୍ତ ଚାଉଳ ଚୋବାଇବେ। ପରିଣତି ଖରାପରୁ ଅଧିକ ଖରାପ ଆଡ଼କୁ ଯିବ ସିନା, ଭଲଦିନ ଆସିବା ସୁଦୂର ପରାହତ ହୋଇଯିବ। ଯଦି ବି ଭଲଦିନ ଅର୍ଥାତ୍ ଆମ କାମନା ବାସନା ଚରିତାର୍ଥ ହୋଇଯିବ ତାହା ଭୋଗ କରିବାକୁ ଆମ ମନ, ଇନ୍ଦ୍ରିୟ ଓ ଦେହର ଅବସ୍ଥା ଆଉ ଉପଯୁକ୍ତ ହୋଇ ରହି ନଥିବ। ଭୋଗ୍ୟବସ୍ତୁ ଆଉ ସେତେ ଭୋଗ୍ୟ ଜଣାପଡ଼ିବ ନାହିଁ, ତାହା ମାଦକତା ହରାଇ ବସିଥିବ। ଯାହା ମିଳିବ ହରାଇବା ତୁଳନାରେ କାହିଁ କେତେ ପରିମାଣରେ କେତେ ବାଟରେ ଚାଲିଯାଇଥିବ। ଖୁସି ରହିବାର ମାନସିକତାକୁ ସମର୍ଥନ ଦିଏ ଆଧ୍ୟାତ୍ମିକତା। ମଣିଷ ଭଗବାନଙ୍କୁ ପାଇବାକୁ ସାଧନା କରି ନପାରେ, କିନ୍ତୁ ସୁଖଶାନ୍ତି ପାଇବାକୁ ନ ଚାହିଁବା କେଉଁଠାରେ କେବେ ହେଲେ ଦେଖା ଯାଇନାହିଁ। ସେହି ସୁଖ ଶାନ୍ତି ପାଇବାର କେତେକ ସୂତ୍ର ଅଛି। ତାହାକୁ ପାଇବା ଓ ପାଳିବାକୁ ପଡ଼ିବ। ଭାରତ ଭୂମି ଏ ବାବଦରେ ବହୁ ଯୁଗ ଧରି ଏଭଳି ସୁନାମ ଅର୍ଜନ କରିଛି ଯେ ଅନ୍ୟ ସମସ୍ତ ଦେଶ ତାକୁ ଗୁରୁ ଆଖ୍ୟା ଦେଇଛନ୍ତି। ଏକବିଂଶ ଶତାବ୍ଦୀରେ, ପ୍ରଯୁକ୍ତି ବିଦ୍ୟାରେ ପାରଙ୍ଗମ ଦେଶମାନେ, ଧନ ଧାନ୍ୟରେ ବାଟ ଚାଲୁଥିବା ଦେଶମାନେ ମଧ୍ୟ ଆମ ଦେଶକୁ ଦୌଡୁଛନ୍ତି। ବହୁ ଅର୍ଥ ବ୍ୟୟ କରି, ବହୁ କଷ୍ଟ ସ୍ୱୀକାର କରି, ନିଜ ଦେଶରେ ବହୁ ସୁଖ ସ୍ୱାଚ୍ଛନ୍ଦ୍ୟ ତ୍ୟାଗ କରି, ବହୁ ସମ୍ପତ୍ତି ଅନ୍ୟକୁ ହସ୍ତାନ୍ତର କରି ଭାରତକୁ ଆସି କ'ଣ ପାଇବେ, କ'ଣ ଏଠାରେ ଶିଖିବେ ? ଯାହା ଶିଖିବେ ତା'ର ଉପଯୋଗ କଲେ ଟିକିଏ ହସି ପାରିବେ ମାତ୍ର। ଏଇ ଟିକିଏ ହସ ତାଙ୍କ ପାଇଁ କେତେ ମୂଲ୍ୟବାନ। କେବଳ ତାଙ୍କ ପାଇଁ ନୁହେଁ ଏହା ସମସ୍ତଙ୍କ ପାଇଁ ମୂଲ୍ୟବାନ। ଭାରତୀୟ ମାନଙ୍କ ରକ୍ତରେ ଆଧ୍ୟାତ୍ମିକତା ପ୍ରବାହିତ, ଭାରତୀୟମାନେ ପାନ କରୁଥିବା ଜଳରେ ଆଧ୍ୟାତ୍ମିକତା, ତାଙ୍କ ଶ୍ୱାସ ପ୍ରଶ୍ୱାସର ବାୟୁରେ ଆଧ୍ୟାତ୍ମିକତା, ତାଙ୍କ ଭାତ ପଖାଳରେ ଆଧ୍ୟାତ୍ମିକତା, ତାଙ୍କ ରାଖି ସୂତାରେ ଆଧ୍ୟାତ୍ମିକତା, ସେମାନେ ଚାଲୁଥିବା ମାଟିରେ ଆଧ୍ୟାତ୍ମିକତା, ସେମାନେ ଗାଉଥିବା ଗୀତରେ ଆଧ୍ୟାତ୍ମିକତା, ସେମାନଙ୍କ ପିତାମାତା ଠାକୁର ଠାକୁରାଣୀ, ସହୋଦର ସହୋଦରା ଠାକୁରଙ୍କ ପ୍ରତିରୂପ। ସେମାନଙ୍କ ବାସଗୃହ ଭଗବାନଙ୍କ ନିଳୟ। ସେଥିପାଇଁ ହସିବା ତାଙ୍କ ପାଇଁ ସହଜାତ ଓ ସହଜ। ଆଧ୍ୟାତ୍ମିକତାର ଯଦି କିଛି ମୂଲ୍ୟ ଥାଏ ହସର ମୂଲ୍ୟ ମଧ୍ୟ ସେତିକି। କାରଣ ଆଧ୍ୟାତ୍ମିକ ସାଧନା ସେତିକି ଗଭୀରତର ହେଲେ ଯାଇ ଜଣେ ମଧୁର ହସ ହସିପାରିବ। କୃତ୍ରିମ ହସ, ଅଭିନୟ ହସ, ଅଭିସନ୍ଧିମୂଳକ ହସ କ'ଣ ଆଧ୍ୟାତ୍ମିକ ହସ ସହ ତୁଳନା ହୋଇପାରିବ ? କେବେହେଲେ ନୁହେଁ। ଆଉ ଏକ ମାର୍ଗ ଅଛି ଅତି ସହଜ, ସାଧନା ସାପେକ୍ଷ ନୁହେଁ ତାହାପାଇଁ କିଛି ତ୍ୟାଗ କରିବାକୁ ପଡ଼ିବ ନାହିଁ, କିଛି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ, କୌଣସି ଡିଗ୍ରୀ ହାସଲ କରିବାକୁ ପଡ଼ିବ ନାହିଁ, ଉଚ୍ଚ କୂଳରେ ଜନ୍ମ ହେବାକୁ ପଡ଼ିବ ନାହିଁ, ଦୀକ୍ଷା ନେବାକୁ ପଡ଼ିବ ନାହିଁ, ବ୍ରତ ପିନ୍ଧିବାକୁ ପଡ଼ିବ ନାହିଁ, ତାହା ହେଉଛି ନିରୋଳା ଭଲ ପାଇବା। ନିସର୍ତ୍ତ, ନିଃସ୍ୱାର୍ଥ, ନୀରଭିମାନ, ନରହଂକାର ପ୍ରେମଭାବ। କୌଣସି ପ୍ରତ୍ୟାଶା ନରଖି କେବଳ ଭଲ ପାଇବା, ଜୀବନ ପରିସର ଭିତରକୁ ଯିଏ ଆସିଲା ତାକୁ ଭଲ ପାଇବା, ଆମକୁ ହତାଦର କରୁଥିବା ଲୋକକୁ ମଧ୍ୟ ଭଲ ପାଇବା। ଅପମାନ ମିଳିପାରେ, ପ୍ରତ୍ୟାଘାତ ମିଳିପାରେ, କେତେଜଣଙ୍କ ପାଖରେ ଠକାମୀରେ ପଡ଼ିଯାଇପାରୁ, ସେଠାରେ ସତର୍କ ହୋଇଯିବା ସିନା ତା'ପ୍ରତି ଘୃଣା ଭାବ ପୋଷଣ କରିବା ନାହିଁ। ସେ କରିଥିବା କର୍ମକୁ ଘୃଣା କରାଯାଉ, ଦେଖିବା ଯେମିତି ତାହା ଆମ ଦ୍ୱାରା ନ ହେଉ, ବ୍ୟକ୍ତିକୁ ଘୃଣା ନକରି ସତର୍କତା ଅବଲମ୍ବନ କରି ନେବାକୁ ହେବ। ଏହି ମାର୍ଗରେ ଚାଲୁ ଚାଲୁ କୌଣସି ଠାରେ ଠୋକର ଖାଇବାକୁ ପଡ଼ିପାରେ। ସେତେବେଳେ ଭାବିବେ ନାହିଁ ଯେ ମୋ ଖୁସି ଭାବ ଯୋଗୁଁ ମୁଁ ଠୋକର ଖାଇଲି। ଅପର ପକ୍ଷର ଠୋକର ଦେବା ଗୁଣ ଯୋଗୁଁ ସେ ଠୋକର ଦେବାକୁ ସୁଯୋଗ ପାଇଲା। ନିଜ ପ୍ରେମଭାବ ଅତୁଟ ରଖିବାକୁ ହେବ। ଆମେ ତ କାହା ଦେହକୁ ପ୍ରେମ କରୁନେ, କାହାଧନକୁ ପ୍ରେମ କରୁନେ, କାହା ସୌନ୍ଦର୍ଯ୍ୟକୁ ପ୍ରେମ କରୁନେ, ଜଣଙ୍କର ଦେହ, ମନ ବୁଦ୍ଧି, ବିଚକ୍ଷଣତା, ପାରଦର୍ଶିତା ପ୍ରଭୃତି ଯାହାଦ୍ୱାରା ଚଳତ୍‌ଶକ୍ତି ପ୍ରାପ୍ତ ହୋଇଛି ସେହି ଅଦୃଶ୍ୟ ଆତ୍ମାକୁ ପ୍ରେମ କରୁଛୁ। ସେହି ଆତ୍ମା ହିଁ ପ୍ରେମ୍ୟ। ଈଶ୍ୱର ବିଶ୍ୱାସୀମାନେ କହନ୍ତି ଜୀବନରେ ଯାହା ଘଟୁଛି ତାହା ସବୁ ସେହି ଈଶ୍ୱରଙ୍କ ଦ୍ୱାରା ହିଁ ହେଉଛି। ତେଣୁ ଯେଉଁ ପ୍ରତିକୂଳ ପରିସ୍ଥିତିମାନ ଆସିଛି ତାହା ମଧ୍ୟ ସେହି ଈଶ୍ୱରଙ୍କ ଉପହାର ଆମ ପ୍ରତି। ପ୍ରତିକୂଳ ପରିସ୍ଥିତିରେ ଭଲ ଭଲ ଜ୍ଞାନ ଉଦୟ ହୁଏ। ଈଶ୍ୱରଙ୍କ ନିକଟବର୍ତ୍ତୀ ହେବାର ବୁଦ୍ଧି ପ୍ରତିକୂଳ ପରିସ୍ଥିତିରୁ ମୁକୁଳିବା ପାଇଁ ପ୍ରାର୍ଥନାକୁ ବଳବତ୍ତର କରିବାର ଇଚ୍ଛା ଦୃଢ଼ରୁ ଦୃଢ଼ତର ହୋଇଥାଏ। ଭଗବାନଙ୍କ ଇଚ୍ଛାରେ ମିଳୁଥିବା ସବୁକିଛିକୁ ଭଲ ବୋଲି କହିବା ହିଁ ଭକ୍ତି। ଈଶ୍ୱରଙ୍କ କୌଣସି ଉପହାରକୁ ନିନ୍ଦା କରି କେହି କେବେ ତାଙ୍କ ପ୍ରିୟ ହେଲାଣି ? ତାଙ୍କ ପ୍ରିୟ ହେବା ନ ହେବା ସବୁ କିଛି ମଣିଷ ହାତରେ ହିଁ ଅଛି। ତେଣୁ ଗୀତା କହେ 'ସନ୍ତୁଷ୍ଟ ସତତଂ ଯୋଗୀ' ସର୍ବଦା ସନ୍ତୁଷ୍ଟ ହୋଇ ରହିବାକୁ ପଡ଼ିବ, ତେବେ ଯାଇ ଜଣେ ସର୍ବଦା ହସିପାରିବ।

*ଅଲିଶା ବଜାର, କଟକ,*
*ଦୂରଭାଷ : ୯୩୩୭୨୪୨୯୫୫*

# ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଏକ ଅବଲୋକନ



ପ୍ରଦୀପ୍ତ କୁମାର କର

ନାରୀ ଭଗବାନ ଙ୍କ ସୃଷ୍ଟିର ଏଭଳି ଏକ ସୃଷ୍ଟି ଯେ ତାର ଯେତେ ପ୍ରଶଂସା ବା ଅନ୍ୟ କାହା ସହିତ ତୁଳନା କରାଯାଏ ତାହା ସମ୍ଭବ ନୁହେଁ। ଆମେରିକା ର ନୀୟର୍କ ସହରରେ ୨୮.୨.୧୯୦୯ ରେ ଆମେରିକା ର ସ୍ୱକ୍ଷ-ମସବକ୍ଷସସ୍ୱଷ୍ଣ କ୍ଷ୍ଟବକ୍ଷସ୍ୱଛ ଦ୍ୱାରା ପ୍ରଥମ ମହିଳା ଦିବସ ଆରମ୍ଭ ହୋଇଥିଲା ।ତାପରେ ୧୯୧୦ ରେ ଆନ୍ତର୍ଜାତୀୟ ସ୍ୱକ୍ଷମସବକ୍ଷସସ୍ୱଷ୍ଣ ମହିଳା ମହାସଭା ଯାହାକି ଜର୍ମାନ ରେ ଥିଲା ସେମାନେ ଏହାକୁ ସାରା ୟୁରୋପ ଦେଶ ମାନଙ୍କରେ ପାଳନ କରିବା ଆରମ୍ଭ କଲେ । ଅନେକ ଘାତ୍ ପ୍ରତିଘାତ ଦେଇ ଏହି ଆନ୍ତର୍ଜାତୀୟ ମହିଳା ସଂଗଠନ କୁ ୧୯୭୭ ରେ ୟୁନାଇଟେଡ ନେସନସ ଅନୁମୋଦନ ଦେଲେ ।ସେ ନାରୀ ଆମ ଭାରତର ହୁଅନ୍ତୁ ବା ସାରା ବିଶ୍ୱରେ ଅନ୍ୟ କୌଣସି ଦେଶର ହୁଅନ୍ତୁ ବା ପ୍ରତି ଗୃହ ପାଇଁ ଏକ ନାରୀ ର ଗୁରୁତ୍ୱ ଯଥେଷ୍ଟ ଅଧିକ ଥାଏ ଯଦିଓ ପୁରୁଷ ର ମଧ୍ୟ ଅନେକ ଗୁରୁତ୍ୱ ଥାଏ । ଆମେ ବର୍ତ୍ତମାନ ଯେଉଁ ନାରୀ ସ୍ୱାଧୀନତା ,ନାରୀ ଜାଗରଣ , ମହିଳା ସଶକ୍ତିକରଣ ନା ରେ ଯେତେ ସବୁ କାର୍ଯ୍ୟକ୍ରମ ହେଉଛି ତାର ବହୁ ପୂର୍ବରୁ ଆମ ଦେଶରେ ନାରୀମାନେ ସମସ୍ତ ବାଧାବିଘ୍ନ ଓ ସମାଜର ପ୍ରତିରୋଧ ସତ୍‌ବେ ନିଜର ସାର୍ଥକତା ଦେଖାଇ ପାରିଥିଲେ । ସ୍ୱାଧୀନତାର ପୂର୍ବବର୍ତ୍ତୀ ଅବସ୍ଥାରେ ଅନେକ ନାରୀ କବି , ଲେଖକ ,ଗଣିତଜ୍ଞ , ସ୍ୱାଧୀନତା ସଂଗ୍ରାମୀ ,ସମାଜ ସୁଧାରକ ଆମ ଦେଶର ବିଶ୍ୱରେ ଅନେକ ନା କରିଥିଲେ ଯାହା କି ଆଜି ପର୍ଯ୍ୟନ୍ତ ସେମାନଙ୍କ ନାମ ଉଚ୍ଚ ସ୍ଥାନରେ ରହିଛି । ଆମ ଦେଶର ସ୍ୱାଧୀନତା ଆନ୍ଦୋଳନ ଯୁଦ୍ଧ ରେ ଅନେକ ନାରୀ ପ୍ରିୟ ବାପୁଜୀ ଙ୍କ ଡାକରାରେ ନିଜକୁ ଝାସ ଦେଇ ନିଜର ନାମ ସହିତ ତାଙ୍କ ପରିବାର ର ନାମକୁ ସାରା ଦେଶରେ ଗୌରବାନିତ୍ୱ କରିଛନ୍ତି ।ଏବେ ମଧ୍ୟ ପୁରାତନ ର ପରିବର୍ତ୍ତନ ସହିତ ତାଳ ଦେଇ ନୂତନ ର ଆଗମନ ରେ ନାରୀ ମାନଙ୍କ ମଧ୍ୟରେ ଆକାଶଛୁଆଁ ପରିବର୍ତ୍ତନ ହୋଇଛି । ଖେଳକୁଦ ,ପାଠ ,ସାମାଜିକ କାର୍ଯ୍ୟକ୍ରମ, ବିଶ୍ୱ ଦରବାର ରେ ପ୍ରାୟ ସବୁ ଦେଶର ନାରୀମାନେ ଊଣାଅଧିକେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଆମ ଦେଶ ପ୍ରିୟ ଭାରତ ମଧ୍ୟ କୌଣସି ପ୍ରକାରର କମ୍ ନାହିଁ । ଆଜି ଆନ୍ତର୍ଜାତୀୟ ନାରୀ ଦିବସ ପାଳନ ର ଆବଶ୍ୟକତା କାହିଁକି ହେଉଛି ତାହା ବୁଝିବା ନିହାତି ଆବଶ୍ୟକ। ଆଜି ସମାଜରେ ନାରୀ ପ୍ରତି କ୍ଷେତ୍ର ରେ ପୁରୁଷ ସହିତ କୌଣସି ଗୁଣରେ କମ୍ ନୁହନ୍ତି। ସବୁଠାରୁ ଅତ୍ୟନ୍ତ ଜୀବନ ପ୍ରତି ମୁହୂର୍ତ୍ତରେ ବିପଦ ପୂର୍ଣ୍ଣ ପ୍ରତିରକ୍ଷା ବିଭାଗ ର ପ୍ରତ୍ୟେକ ୱିଙ୍ଗ , ବୈମାନିକ , ପ୍ରଶାସନିକ ଅଧିକାରୀ , ପାହାଡ ଚଢ଼ା ଇତ୍ୟାଦି ରେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରୁଛନ୍ତି। ଯେତେ ଯାହା ହେଲେବି ଆମ ଦେଶରେ କିନ୍ତୁ ନାରୀ ମାନଙ୍କୁ ଯେତେ ପ୍ରଶଂସା ର ପାତ୍ର ହେଲେବି ସେମାନଙ୍କୁ ସବୁ ସ୍ଥାନରେ ଘୃଣା ର ସାମନା କରିବାକୁ ହୁଏ ।ଅନେକ ନାରୀ ସ୍ୱାବଲମ୍ବୀ ହେବାକୁ ଚେଷ୍ଟା କରିବା ବେଳେ ଅନେକ ସମାଲୋଚନା ର ସରବ୍ୟ ହୁଅନ୍ତି । ଯେତେ ସଭ୍ୟ ଓ ଉଚ୍ଚ ଶିକ୍ଷିତ ବୋଲି ନିଜକୁ ପ୍ରମାଣିତ କଲେ ମଧ୍ୟ ନିଜ ଘରେ ଓ ସଭା ସମିତି ରେ ଦୁଇ ପ୍ରକାର ର ବ୍ୟବହାର କରନ୍ତି ।ଯେଉଁ ସ୍ତ୍ରୀ ଲୋକଟି ନାରୀ ନିର୍ଯ୍ୟାତନା ଅଭିଯୋଗ ଆଣି ସଭା ସମିତି ରେ ଭାଷଣ ବାଜି କରନ୍ତି ସେହି ସ୍ତ୍ରୀ ଲୋକଟି ଯେତେବେଳେ ନିଜ ଘରକୁ ଆସୁଛି ସେତେବେଳେ ସେ ନିଜ ବୋହୂ କୁ ବା ଘରେ କାମ କରୁଥିବା କାମବାଲୀ କୁ ଅତ୍ୟନ୍ତ ନିର୍ଯ୍ୟାତନା ଦେଉଥାଏ । ଆଜିକାଲି ଯେତେ ଗୁଡ଼ିଏ ସ୍ୱଙ୍କ ସ୍ୱରକ୍ଷସରକ୍ଷ ଦେଉଛି ପ୍ରତି ନାଟକ ରେ କେବଳ ଖଳ ନାୟିକା ରୂପେ ଜଣେ ନାରୀ ଆଉ ଗୋଟିଏ ନାରୀ କୁ ଅତ୍ୟନ୍ତ ନିର୍ଯ୍ୟାତନା,ଦେଇ ତଳିତିଳାନ୍ତ କରି ଦେଉଛି ଯାହାକି ପରବର୍ତ୍ତୀ ସମୟରେ ଏହାର ଘୋର ପ୍ରବାବ ଅନେକ ଘରେ ପଡୁଛି ।ଏସବୁ ସମାଜ ବିରୋଧୀ ସିରିଆଲ ସରକାରୀ ସ୍ତରରେ କଟକଣା କରି ବନ୍ଦ୍ କରିଦେବା ସହିତ ଯେଉଁ ଚ୍ୟାନେଲ ଏହି ନିୟମ ନ ମାନିବ ସେହି ଚ୍ୟନେଲ ଉପରେ ମୋଟା ଅଙ୍କର ଜୋରିମାନା ଲଗାଇବା ଦରକାର । ଅନେକ ।ସମୟରେ ଝିଅ ଟୀ ବିବାହ ପରେ ତାକୁ ନିଜ ସ୍ୱାମୀ ଓ ଶଶୁର ଘର ଲୋକ ଯୌତୁକ ନିର୍ଯ୍ୟାତନା ଦିଅନ୍ତି ବା ଯଦି ଲଗାତାର ଭାବରେ ଗୋଟିଏ ବା ଦୁଇଟି ଝିଅ ଜନ୍ମ ହେଲା ସେଥିରେ ମଧ୍ୟ ଅନେକ ନିର୍ଯ୍ୟାତନା ଦିଆଯାଏ ।ଆମେ ମନେ ରଖିବା ଉଚିତ୍ ଯେ ଆମର ସୃଷ୍ଟି ଜଣେ ମହିଳା ଙ୍କ ଠାରୁ ହିଁ ହୋଇଛି ଯିଏ କି ସର୍ବଦା ପୂଜନୀୟ । ନାରୀ କୌଣସି ଏକ ବିଳାସ ବା ଭୋଗ୍ୟ ବସ୍ତୁ ନୁହେଁ ଏହା ବର୍ତ୍ତମାନ ର ମନୁଷ୍ୟ ସମାଜ ଅତି ସୁନ୍ଦର୍ ଭାବରେ ହୃଦୟଙ୍ଗମ କରି ସାରିଛି ଓ ସେଥିପାଇଁ ନାରୀ ସ୍ୱାଧିନତା ଉପରେ ଏତେ ଧ୍ୟାନ ଦିଆଯାଉଛି । ଯେପରି ବିଜ୍ଞାନ ର ଅନୁଧ୍ୟାନ , ପରୀକ୍ଷା ନିରୀକ୍ଷା କରିବା ସହ ଅତି ଉଚ୍ଚ କୋଟୀର ସରଞ୍ଜାମ ପ୍ରସ୍ତୁତ ହୋଇ ମାନବ ସେବାରେ ଲାଗୁଛି ,ଠିକ୍ ସେହି ସମୟରେ ବିଜ୍ଞାନ ର ବିପରୀତ ଦିଗରୁ ବିଭିନ୍ନ ବିଧ୍ୱଂସକାରି ପରମାଣୁ ବୋମା , ଆଲୋକ ଗତି ଠାରୁ ଅଧିକ ବେଗରେ ଯାଇ ପାରୁଥିବା ରକେଟ,ପ୍ରଭୃତି ର ସୃଷ୍ଟି ହୋଇ ସଂସାର କୁ ଧ୍ୱଂସ କରିବାକୁ ଚାହୁଁଛନ୍ତି। ସେହିପରି ନାରୀ ସ୍ୱାଧିନତା ଦ୍ୱାରା ସେମାନେ ସବୁବେଳେ ହୃଦୟଙ୍ଗମ କରିବା ଉଚିତ୍ ଯେ ନାରୀ ସ୍ୱାଧିନତା କେବେବି ଉଚ୍ଛୃଙ୍ଖଳ ନୁହେଁ ଏହାର ଅନୁକୂଳ ପ୍ରଭାବ ସର୍ବଦା ସମାଜ ଉପରେ ରହିଛି । ଅନ୍ତର୍ଜାତୀୟ ନାରୀ ଦିବସ ପାଳନ ଅବସରରେ ନାରୀ ମାନେ ମନେ ରଖିବା ଉଚିତ୍ ଯେ ଯଦିଓ ଏହି ଏକବିଂଶ ଶତାବ୍ଦୀରେ ପହଂଚିଛନ୍ତି , ସେମାନଙ୍କୁ ସ୍ୱାଧୀନତା ର ସମସ୍ତ ଦ୍ୱାର ଖୋଲି ଦିଆ ଯାଇଛି ସେମାନଙ୍କ ହାତରେ ଲାଠି ଧରାଇ ଦିଆଯାଇଛି ତେଣୁ ଏହି ସମୟରେ ସେମାନେ ଅତି ସୁନ୍ଦର ଭାବରେ ଓ ଧିର , ଶାନ୍ତ ମସ୍ତିସ୍କ ରେ ସମସ୍ତ ଚିନ୍ତା କରି ଆଗକୁ ବଢିବା ଦରକାର । ସାଧାରଣତଃ ବିବାହ ପରେ ପୁରୁଷ ଓ ନାରୀ ର ଦାମ୍ପତ୍ୟ ଜୀବନ ରୁ ଆରମ୍ଭ ହୁଏ ସାମାଜିକ ଜୀବନ ଓ ଅନେକ ଉଥାନ ପତନ ଦେଇ ଶେଷ ପର୍ଯ୍ୟନ୍ତ ଚାଲିଥାଏ କିନ୍ତୁ କେବେ କେବେ ଟିକିଏ ଉଣେଇଶ ବିଶ ହୋଇଯାଏ । ତେବେ ସେ ଯାହା ହେଉ ଆନ୍ତର୍ଜାତୀୟ ନାରୀ ଦିବସ ପାଳନ ହେଉ କିନ୍ତୁ ସେଥିରେ ନାରୀର ସଂପୃକ୍ତି କୁ ଓ ତାର ଉତ୍ତରଦାୟିତ୍ୱ କୁ ଯଥାର୍ଥ ରେ ବୁଝି ତାକୁ ଅତ୍ୟନ୍ତ ଗଭୀରତା ର ସହିତ ହୃଦୟଙ୍ଗମ କରି ଆଗକୁ ବଢ଼ିଲେ ସଂସାର ର ମଙ୍ଗଳ କିନ୍ତୁ ଯଦି କିଛି ଓଲମ୍ ବିଲମ୍ ହୁଏ ତେବେ ସତ୍ୟାନାଶ । ଯେଉଁ ନାରୀ ହୋଇପାରେ ଦୁର୍ଗା , କାଳୀ,ଚଣ୍ଡୀ ,ସେ ପୁଣି ହୁଏ ଲକ୍ଷ୍ମୀ , ସରସ୍ୱତୀ , ଯିଏ ହୋଇ ପାରେ ଝାଂଶିରାନି , ଦୁର୍ଗାବାଇ , ସେ ବି ହୋଇପାରେ ଓଢଣା ଟାଣି ଶାନ୍ତ ସରଳ ଗୃହିଣୀ । ନାରୀ ର ଅନେକ ରୂପ ଜନନୀ , ଯାୟା,ଭଗ୍ନୀ ,ବାନ୍ଧବୀ ,ଶିକ୍ଷୟତ୍ରୀ ଏପରି ପରିସ୍ଥିତି କୁ ନେଇ । ଆମ ଦେଶ ବା ଅନ୍ୟ ଦେଶ ହେଉ ଏହି ଆନ୍ତର୍ଜାତୀୟ ମହିଳା ଦିବସ କୁ ପ୍ରାୟ ସମସ୍ତେ ମହା ଜାକଜମକରେ ପାଳନ କରୁଛନ୍ତି ଓ ନାରୀ ମାନଙ୍କୁ ଏହାର ତାତ୍ପର୍ଯ୍ୟ ବିଷୟ ରେ ଅବଗତ କରାଯାଉଛି କିନ୍ତୁ ବିଶେଷ କରି ଆମ ଦେଶରେ ନାରୀ ନିର୍ଯ୍ୟାତନା ,ନାରୀ ଦୁଷ୍କର୍ମ , ଗଣ ଧର୍ଷଣ , ଯୌତୁକ ଜନିତ ଅପରାଧ ,କମିବାର ନାଁ ନାହିଁ ।ଅବଶ୍ୟ ଏବେ ବାଲ ବିବାହ ଅନେକାଂଶ ରେ ପ୍ରାୟ ନାହିଁ କହିଲେ ଚାଲେ ।ଆହୁରି ଏକ ଭୟଙ୍କର ପ୍ରଥା ଯାହା ସତିଦାହା ପ୍ରଥା ନାମରେ ନାମିତ ତାହା ବ୍ରିଟିଶ ସରକାରଙ୍କ ଦ୍ୱାରା ହଟାଇ ଦିଆ ଯାଇଛି ।ଯାହା ପାଇଁ ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ରାଜା ରାମ ମୋହନ ରାୟ ଅନେକ ସୁଧାର ଆଣିଥିଲେ । ଏବେ କେନ୍ଦ୍ର ସରକାର ଓ ପ୍ରତି ରାଜ୍ୟ ସରକାର ନାରୀ ମାନଙ୍କ ଉତ୍ଥାନ ଓ ସ୍ୱାଧୀନତା ପ୍ରତି ଅଧିକ ଧ୍ୟାନ ଦେଉଛନ୍ତି ଯେପରି ସେମାନଙ୍କୁ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରରେ କିଶୋରୀ , ଗର୍ଭବତୀ ମହିଳା ଓ ଶିଶୁ ମାନଙ୍କୁ ପୋଷଣ ଯୁକ୍ତ ଖାଦ୍ୟ ଦିଆଯାଉଛି , ମାସିକ ଋତସ୍ରାବ ରେ କିପରି ସ୍ୱଚ୍ଛତା ଅବଲମ୍ବନ କରାଯାଏ ଏପରି ଅନେକ କିଛି । ମୋଟା ମୋଟି ଭାବରେ ନାରୀ ସ୍ୱାଧିନତା ଓ ମହିଳା ଆନ୍ତର୍ଜାତୀୟ ଦିବସ ପାଳନ ଅବସରରେ ନାରୀ ମାନଙ୍କୁ ଜାଗ୍ରତ କରାଯାଉ ଓ ସଂଯମତା ରକ୍ଷାକରି ସମାଜରେ ପ୍ରତିଷ୍ଠିତ ହେବାକୁ ଶିକ୍ଷା ଦିଆଯାଉ । ଏବେ ନାରୀ ମାନେ ଆଉ ଦୁଇ ପାଦ ଆଗକୁ ଯାଇ ହିନ୍ଦୁ ଧର୍ମ ର ମନ୍ଦିର ମାନଙ୍କରେ ପୂଜାରୀ ହୋଇ ପୂଜା ପାଠ ସହିତ ହୋମ ଯଜ୍ଞ ,ବିବାହ ବ୍ରତ ଆଦି କର୍ମ ମାନ କରୁଛନ୍ତି ଏପରି କି ଶ୍ମଶାନ ରେ ଶବ ଦାହ ମଧ୍ୟ କରିଛନ୍ତି । ଆମ ଦେଶର କେନ୍ଦ୍ର ସରକାର ଓ ଓଡ଼ିଶାର ରାଜ୍ୟ ସରକାର ଙ୍କ ସହିତ ପ୍ରାୟ ପ୍ରତି ରାଜ୍ୟ ରେ ମହିଳା ମାନଙ୍କୁ ସମାଜ ର ମୁଖ୍ୟ ସ୍ରୋତ ରେ ସାମିଲ କରିବାକୁ ସର୍ବଦା ଚେଷ୍ଟିତ ।ସେଥିପାଇଁ ଅନେକ ମହିଳା ହିତକାରୀ ଯୋଜନା ମାନ କାର୍ଯ୍ୟକାରୀ କରୁଛନ୍ତି ଓ ଏଥିରେ ମହିଳା ମାନଙ୍କ ସଂପୃକ୍ତି ରହି ସେମାନେ ବହୁତ୍ ଲାଭାନ୍ୱିତ ହେଉଛନ୍ତି । ଏବେ ଯଦି କୌଣସି ଦେଶରେ କୌଣସି ମହିଳା ଉପରେ ସେପରି କିଛି ଆଖିଦୃଶିଆ ବିପଦ ପଡ଼ ? ତେବେ ସାରା ବିଶ୍ୱ ମହିଳା ସଂଗଠନ ତାର ପ୍ରତିବାଦ କରିବାକୁ ଆଗେଇ ଆସୁଛନ୍ତି । ମୋର ଏହି ମହାନ୍ ଆନ୍ତର୍ଜାତୀୟ ମହିଳା ଦିବସ ରେ ସମସ୍ତ ମହିଳା ମାନଙ୍କୁ ଅନୁରୋଧ ଯେ ସେମାନେ ଚାହିଁଲେ ଏକ ସମାଜ ବଢିବ ଓ ନ ଚାହିଁଲେ ସମାଜ ବୁଡିଯିବ ।ତେଣୁ ବୁଝି ବିଚାରି ଆଗକୁ ବଢିବା ଉଚିତ୍ ।

*ପ୍ଲଟ ନଂ ୨୫*
*ସୂର୍ଯ୍ୟ ନଗର*
*ଭୁବନେଶ୍ୱର*
*୯୪୩୭୦୮୪୩୧୨*

# ରାଷ୍ଟ୍ରୀୟତା ଏକ ଜଟିଳ ପ୍ରସଙ୍ଗ



ଗୋପାଳ ମହାପାତ୍ର

ଆଧୁନିକ ଗଣତନ୍ତ୍ର ଭଳି ରାଷ୍ଟ୍ରବାଦ ମଧ୍ୟ ୟୁରୋପରୁ ଆମଦାନୀ ହୋଇଛି ଯାହା ଲୋକଙ୍କ ବର୍ଗୀକରଣ ବା ବିଭେଦିକରଣର ଏକ ନୂତନ ଆଧାର ପ୍ରସ୍ତୁତ କରିଛି। ସାରା ବିଶ୍ୱରେ ରାଷ୍ଟ୍ରବାଦର ପ୍ରଭାବ ପଡ଼ିଛି। କେତେକ ଦେଶରେ ଏହାର ସାକାରାତ୍ମକ ପ୍ରଭାବ ପଡ଼ିଥିବା ବେଳେ କେତେକ ଦେଶରେ ନକାରାତ୍ମକ ପ୍ରଭାବ ମଧ୍ୟ ଦେଖିବାକୁ ମିଳୁଛି। ଯେଉଁସବୁ ଦେଶମାନଙ୍କରେ ଏହାର ସାକାରାତ୍ମକ ପ୍ରଭାବ ପଡ଼ିଛି ସେଠାରେ ଲୋକମାନେ ସମାନ ଭାବରେ, ସମାନ ରଙ୍ଗ-ରଙ୍ଗରେ, ସମାନ ଭାଷା ଏବଂ ସଂସ୍କୃତି ଏପରିକି ବ ର୍ମାନ ଓ ଅତୀତର ଆଧାରରେ ସଂଗଠିତ ହୋଇଛନ୍ତି ଏବଂ ସେମାନଙ୍କର ବିକାଶ ଘଟିଛି। କିନ୍ତୁ ଯେଉଁଠି ଏହାର ନକାରାତ୍ମକ ପ୍ରଭାବ ପଡ଼ିଛି ସେଠି ପ୍ରତିଦ୍ୱନ୍ଦ୍ୱିତା, ଘୃଣା ଏବଂ ସଂଘର୍ଷ ଘଟଛି ଓ ଘଟୁଛି। ରାଷ୍ଟ୍ରବାଦ ସ୍ୱତଃ ଉଚ୍ଚତମ ମୂଲ୍ୟ ପାଲଟିଯାଇଥାଏ ଯାହା ଆଗରେ ମାନବୀୟ ମୂଲ୍ୟର କୌଣସି ଗୁରୁତ୍ୱ ରହିନଥାଏ ଯଦିଓ ଏହା ମାନବୀୟ ଅସ୍ତିତ୍ୱର ଆଧାର ଅଟେ। ରାଷ୍ଟ୍ରବାଦୀମାନେ ଉତ୍କଟ ରାଷ୍ଟ୍ରଭକ୍ତିରେ ସବୁକିଛି କରିଦେଇଥାନ୍ତି ଯାହା ମନୁଷ୍ୟର କରଣୀୟ ନୁହେଁ। ରାଷ୍ଟ୍ରବାଦ ମନୁଷ୍ୟକୁ 'ବିଶ୍ୱ ସମାଜ'ରେ ଅବସ୍ଥାପିତ କରିପାରେ ଯେ କେବଳ ବାଧକ ସାଜିଥାଏ ତା' ନୁହେଁ, ବାସ୍ତବରେ ଏହା ମନୁଷ୍ୟର କଳ୍ପନା, ତା' ଭିତରେ ଥିବା ମାନବିକତାକୁ ସଙ୍କୁଚିତ ଅଥବା ସୀମିତ ମଧ୍ୟ କରି ଦେଇଥାଏ।

୧୯୧୬-୧୭ ମସିହାରେ ଯେଉଁଦିନ ପ୍ରଥମ ବିଶ୍ୱଯୁଦ୍ଧ ଚାଲିଥିଲା ସେତେବେଳେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଜାପାନ ଓ ଆମେରିକା ଗସ୍ତ କରିଥିଲେ ଓ ରାଷ୍ଟ୍ରବାଦ ବିଷୟରେ ବ୍ୟାଖ୍ୟାନ ମଧ୍ୟ ଦେଇଥିଲେ। ରବୀନ୍ଦ୍ରନାଥ ରାଷ୍ଟ୍ର ପ୍ରସଙ୍ଗରେ କହିଥିଲେ - "ରାଷ୍ଟ୍ରର ବିଚାର ମାନବ ଦ୍ୱାରା ଆବିଷ୍କୃତ ଅଚେତ ହେବାର ଶକ୍ତିଶାଳୀ ଔଷଧ ଅଟେ। ଏହାର ପ୍ରଭାବରେ ସାରା ଦେଶ, ନୈତିକ ବିକୃତି ବାବଦରେ ସଚେତ ନହୋଇ ସ୍ୱାର୍ଥସିଦ୍ଧି କାର୍ଯ୍ୟକ୍ରମକୁ ବ୍ୟବସ୍ଥିତ ଢ଼ଙ୍ଗରେ ଲାଗୁ କରିପାରେ।" ରବୀନ୍ଦ୍ରନାଥଙ୍କ ଏହି ବିଶ୍ୱ ଚେତନା ସମସ୍ତଙ୍କୁ ସେତେବେଳେ ଆଚମ୍ବିତ କରିଦେଇଥିଲା। କାରଣ ସେତେବେଳେ ପଶ୍ଚିମବଙ୍ଗ (ବଙ୍ଗଳା)ରେ ନବଜାଗରଣ ବଙ୍ଗାଳୀ ଉପ-ରାଷ୍ଟ୍ରୀୟତାକୁ ମଜଭୁତ କରିଦେଇଥିଲା ଓ ବଙ୍ଗଳା ସାହିତ୍ୟ ପରତନ୍ତ୍ର ବିରୁଦ୍ଧରେ ଭାରତୀୟ ରାଷ୍ଟ୍ରୀୟତା ପାଇଁ ଭି ିଭୂମି ପ୍ରସ୍ତୁତ କରିପାରେ ସହାୟକ ହୋଇଥିଲା। ଆଉ ଏକ ରୋଚକ ବିଷୟ ହେଉଛି ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟ ପୁରୋଧା ମହାତ୍ମା ଗାନ୍ଧି ମଧ୍ୟ ରାଷ୍ଟ୍ରବାଦର ସହାୟତା ନେଇନଥିଲେ। ଗାନ୍ଧିଙ୍କ ସ୍ୱଦେଶୀ ବିଚାର ଉପନିବେଶବାଦକୁ ଅଧିକ ବିରୋଧ କରିପାରୁଥିଲା। ଏସବୁ ପରେ ବଙ୍ଗଳାରେ ନବଜାଗରଣ, ୧୮୫୭ର ପ୍ରଥମ ସ୍ୱାଧୀନତା ସଂଗ୍ରାମ ସହ ବ୍ରିଟିଶ୍ ଉପନିବେଶବାଦ ବିରୁଦ୍ଧରେ ଚାଲିଥିବା ସବୁ ଛୋଟ ବଡ଼ ଲଢ଼େଇ ଭାରତ ଉପମହାଦ୍ୱୀପରେ ଏକ ରାଷ୍ଟ୍ରୀୟତାର ନିର୍ମାଣ କରିସାରିଥିଲା ଓ ଗାନ୍ଧିଙ୍କ ସମୟ ପୂର୍ବରୁ ଏକ ସ୍ୱରୂପ ମଧ୍ୟ ହୋଇସାରିଥିଲା ।ଗାନ୍ଧି କିନ୍ତୁ ଏହି ଜାଗରଣକୁ ରାଷ୍ଟ୍ରବାଦରେ ସୀମିତ କରିନଥିଲେ। ଗାନ୍ଧି ଏହିପରି ଘଟଣାକୁ ୟୁରୋପର ଭୌତିକବାଦୀ ସଭ୍ୟତାର ବିକଳ୍ପର ସନ୍ଧାନରେ ପ୍ରଯୁକ୍ତ କରିବାକୁ ଚାହୁଁଥିଲେ। ଊନବିଂଶ ଶତାବ୍ଦିର ଉ ରାର୍ଦ୍ଧରେ ଚାଲିଥିବା ମନ୍ଥନ ପରେ କେଶବଚନ୍ଦ୍ର ସେନ, ସୁରେନ୍ଦ୍ର ନାଥ ବାନାର୍ଜୀ, ରାମକୃଷ୍ଣ ପରମହଂସ, ବିବେକାନନ୍ଦ, ଦାଦାଭାଇ ନାରୋଜି ଏବଂ ଗୋଖିଲେଙ୍କ ବିଚାରଧାରାର ଅନୁରୂପ ଭାବେ ଏହାକୁ ବିବେଚନା କରାଯାଇଥିଲା। ରବୀନ୍ଦ୍ରନାଥ କିନ୍ତୁ ଏହାକୁ ସର୍ବାଧିକ ବିନାଶକାରୀ ଆଖ୍ୟା ଦେଇ ସମାଲୋଚନା କରିଥିଲେ। କିନ୍ତୁ ଭାରତୀୟ ରାଷ୍ଟ୍ରବାଦର ଏକ ବ୍ୟାପକ ଅର୍ଥ ରହିଛି। ଏହା ଶୋଷିତ-ପୀଡ଼ିତ ମାନବତାର ମୁକ୍ତିର ଆହ୍ୱାନକ ର୍ା ଭାବେ ପରିଗଣିତ ହୋଇଛି। ଭାରତୀୟ ରାଷ୍ଟ୍ରବାଦ ପ୍ରସଙ୍ଗରେ ଚର୍ଚ୍ଚା କଲାବେଳେ ୟୁରୋପୀୟ ରାଷ୍ଟ୍ରବାଦ ସହ ପ୍ରାୟତଃ ଏହାକୁ ତୁଳନା କରାଯାଇଥାଏ ଓ ଏକ ନିଷ୍କ ି ଆସେ ଯେ, "ଭାରତ କେବେ ଏକ ରାଷ୍ଟ୍ର ହୋଇ ରହିନାହିଁ, ଅର୍ଥାତ୍ ଭାରତ ବହୁ ରାଷ୍ଟ୍ରୀୟତାର ଦେଶ ଅଟେ।" ଅସଲ କଥା ହେଉଛି ୟୁରୋପରେ ସମରୁପତା ଏବଂ ନୃତା ି୍କ ସମାନତା ମୁଖ୍ୟ ରୂପରେ ରାଷ୍ଟ୍ରବାଦର ଆଧାର ଏଣୁ ସେଇ ଦୃଷ୍ଟିରେ ଭାରତକୁ ବହୁ ରାଷ୍ଟ୍ରୀୟତାର ଦେଶ ବୋଲି କୁହାଯାଏ ।'ରାଷ୍ଟ୍ରବାଦ'ର ପ୍ରତିପାଦକ ଥିଲେ ଜନ୍ ଗଟଫ୍ରେଡ଼ହର୍ଡର ଯିଏ ଅଷ୍ଟାଦଶ ଶତାବ୍ଦିରେ ପ୍ରଥମେ ଏହି ଶବ୍ଦର ପ୍ରୟୋଗ କରିଥିଲେ ଓ ଜର୍ମାନ ରାଷ୍ଟ୍ରବାଦର ମୂଳଦୁଆ ପକାଇଥିଲେ। ହର୍ଡର ସମାନ ଉପ ି ଏବଂ ଭାଷାର ଦୁହାଇ ଦେଇ ଜର୍ମାନକୁ ଗୋଟିଏ ରାଷ୍ଟ୍ର ଭାବେ ସଂଗଠିତ ହେବାପାଇଁ ଆହ୍ୱାନ ଦେଇଥିଲେ। ମୂଳ ରୂପରେ ଜଣେ ସାହିତ୍ୟିକ ଓ ସମାଲୋଚକ ଥିଲେ ହର୍ଡର। କିନ୍ତୁ ସେ କେବେ ଭାବିନଥିବେ ଯେ, ତାଙ୍କ ଆବିଷ୍କୃତ ଶବ୍ଦ ବିଶ୍ୱକୁ ଏମିତି ବଦଳାଇଦେବ। ଏହି ରାଷ୍ଟ୍ରବାଦ ୟୁରୋପରେ 'ରାଷ୍ଟ୍ର-ରାଜ୍ୟ'ର ଆଧାର ପାଲଟିଲା ଏବଂ ଏବେ ସାରା ବିଶ୍ୱରେ ବୋଧହୁଏ 'ରାଷ୍ଟ୍ର ରହିତ ରାଜ୍ୟ' ନାହିଁ। ଏହି ରାଷ୍ଟ୍ରବାଦ ଏମିତି ବ୍ୟାପିଲା ଏବଂ ସାଂଘାତିକ ହେଲା ଯେ, ଧର୍ମକୁ ମଧ୍ୟ ରାଷ୍ଟ୍ରୀୟତାର ଆଧାର କରିଦିଆଗଲା। ଏହାର ପ୍ରଥମ ଶୀକାର ହେଲା ଭାରତ, ଯାହାର ଶହ ଶହ ବର୍ଷର ସଭ୍ୟତାରେ ଏଭଳି କୌଣସି ଧାରଣା ବା ବିଚାର ନଥିଲା ଯେଉଁଥିପାଇଁ ମନୁଷ୍ୟତା ଏବଂ ସାର୍ବଭୌମିକ ବନ୍ଧୁତାର ବିଚାର ସର୍ବୋପରି ଥିଲା ।ବିବେକାନନ୍ଦ, ରବୀନ୍ଦ୍ରନାଥ ଏବଂ ଗାନ୍ଧି ମନୁଷ୍ୟତା ଏବଂ ସାର୍ବଭୌମିକ ବନ୍ଧୁତାର ବିଚାରକୁ ଆଧାର କରି ୟୁରୋପୀୟ ଭୌତିକବାଦୀ ଲୋଲୁପତା ଏବଂ ଆକ୍ରମକତାର ଉ ର ଖୋଜିଥିଲେ। ବିଡ଼ମ୍ବନାର କଥା ହେଉଛି ପରବ ର୍ୀ ସମୟରେ ଭାରତର କମ୍ୟୁନିଷ୍ଟମାନେ ବିବିଧତାକୁ ହର୍ଡରଙ୍କ ଦୃଷ୍ଟିରେ ଦେଖିଲେ ଏବଂ ଭାରତରେ ଅନେକ ରାଷ୍ଟ୍ରୀୟତା ଥିବା କଥାକୁ ସ୍ୱୀକାର କରିଥିଲେ। ତାହାହେଲେ ଭାରତୀୟ ରାଷ୍ଟ୍ରବାଦ କ'ଣ ଏକ ତ୍ରୁଟିପୂର୍ଣ୍ଣ କଳ୍ପନା, ଏହାର କ'ଣ କିଛି ଆଧାର ନାହିଁ? କ'ଣ ଭାରତର ଲୋକଙ୍କ ଭିତରେ ଏକତ୍ୱର ଏମିତି କିଛି ସୂତ୍ର ନାହିଁ ବା ନଥିଲା, ଯାହା ସେମାନଙ୍କୁ ବାନ୍ଧି ରଖିବା ଏବଂ ଏକ ହେବାର ଭାବ ଜାଗ୍ରତ କରିବାରେ ଅସମର୍ଥ ? ୟୁରୋପର ବିପରିତ ଭାରତୀୟ ରାଷ୍ଟ୍ରବାଦର ଆଧାର ବହୁଳତା ଏବଂ ବିବିଧତା ହିଁ ରହିଛି ଯାହା ଏବେ ଆମେରିକାରେ ମଧ୍ୟ ରହିଛି। ଏହାକୁ ୟୁରୋପର ନିଷ୍କର୍ଷ ଉପରେ ପରଖା ଯାଇପାରିବ ନାହିଁ। ଭାରତର ଯେଉଁ କଳ୍ପନା ବା ବିଚାର ରହିଛି ଉପନିବେଶ କାଳରେ ତାହା ଏକ ମୂ ର୍ି ଆକାର ଅବଶ୍ୟ ନେଇଥିଲା, କିନ୍ତୁ ବାସ୍ତବରେ ଶହ ଶହ ବର୍ଷ ଧରି ଏହା ଭାରତବାସୀଙ୍କ ମାନସପଟରେ ସ୍ମୃତି ଏବଂ କଳ୍ପନାରେ ରହିଆସିଥିଲା ଓ ଏବେ ମଧ୍ୟ ରହିଛି। ଏହାର ଏକ ଭୌଗୋଳିକ ପରିଚୟ ମଧ୍ୟ ରହିଛି ଯାହା ଆଜିବି ଧାର୍ମିକ ଅନୁଷ୍ଠାନମାନଙ୍କରେ ଶୁଣିବାକୁ ମିଳେ। 'ଜମ୍ବୁଦ୍ୱିପେ, ଉ ରାଖଣ୍ଡ, ଆର୍ଯ୍ୟାବର ର୍ି' ଭଳି ଶବ୍ଦରେ। ଯଜ୍ଞରେ ଦେବତାମାନଙ୍କ ଆହ୍ୱାନ ପାଇଁ ଯଜମାନ ଏବଂ ଯଜ୍ଞର ଅବସ୍ଥିତିକୁ ଏହି ଶବ୍ଦ ସବୁ ଯୋଡ଼ିଥାଏ ।ଏଠି କୌଣସି ଏକ ଦେଶର ଭୂଗୋଳ ନୁହେଁ ବରଂ ବୃହତ୍ ଭୂଭାଗର ପରିଚୟ କୁହାଯାଏ, ଯେଉଁଠି ସମସ୍ତଙ୍କର ନିବାସ ରହିଛି। ଭାରତୀୟ ରାଷ୍ଟ୍ରୀୟତା କୌଣସି ଜଣେ ପୂର୍ବଜ, କୌଣସି ସ୍ମୃତି ଏବଂ ଇତିହାସରୁ ସୃଷ୍ଟ ନୁହେଁ କିନ୍ତୁ ଏହାର ଆଧାର ଏକ ଭୂଖଣ୍ଡ ଅବଶ୍ୟ। ଏହା ଜମ୍ବୁଦ୍ୱିପ, ଉ ରାଖଣ୍ଡ ଓ ଆର୍ଯ୍ୟାବର ର୍ି ହୋଇପାରେ। ଏହି ବୃହତ୍ ଭୌଗୋଳିକ ସୀମା ଏକ ରାଜନୈତିକ ମାନଚିତ୍ରରେ ସମାହିତ ହୋଇନପାରେ କିନ୍ତୁ କାଶ୍ମୀର ଠାରୁ କନ୍ୟାକୁମାରୀ ଏବଂ ସିନ୍ଧ ଓ ହିନ୍ଦୁକୁଶଠାରୁ ଆସାମ ପର୍ଯ୍ୟନ୍ତ ପରିଧିରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ଏକାତ୍ମତା ଭାବେ ସୃଷ୍ଟି କରିବାରେ ସମର୍ଥ ହୋଇଛି। ରାଜନୈତିକ ଭାବେ ଏହି ସମୁଦାୟ କ୍ଷେତ୍ର (ଉପମହାଦ୍ୱିପ)ରେ ଅନେକ ରାଜ୍ୟ-ସାମ୍ରାଜ୍ୟ ଏବଂ ଶାସନ ବ୍ୟବସ୍ଥା ଥିଲା କିନ୍ତୁ ଏହା ମଧ୍ୟ ସତ୍ୟ ଯେ ଭାରତରେ ସବୁ ରାଜା, ସମ୍ରାଟ, ଗୁପ୍ତ, ମୌର୍ଯ୍ୟ, ଖିଲିଜ୍, ମୋଗଲ ଏପରିକି ଇଂରେଜମାନେ ଏହାକୁ ଗୋଟିଏ (ଦେଶ/ରାଷ୍ଟ୍ର) ଭାବେ ଗଢ଼ିବାର ଉଦ୍ୟମ କରିଛନ୍ତି।

ବିଦେଶୀ ଆକ୍ରମଣକାରୀଙ୍କ ପାଇଁ ଭାରତ ବିଜୟର ଅର୍ଥ ଥିଲା ଏହି ଜମ୍ବୁଦ୍ୱିପ, ଭାରତଖଣ୍ଡ, ଆର୍ଯ୍ୟାବ ର୍ ଉପରେ ଏକଛତ୍ର ଶାସନ କରିବା। ଏହି ସମ୍ପୂର୍ଣ୍ଣ କ୍ଷେତ୍ର, ସମୁଦାୟ ଭୂଖଣ୍ଡର ଆଧ୍ୟାତ୍ମିକ ଏବଂ ସାମାଜିକ ଚେତନାର ସ୍ରୋତ ମଧ୍ୟ ସମାନ, ସ୍ୱପ୍ନ ଏବଂ ଆକାଂକ୍ଷା ମଧ୍ୟ ସମାନ।

*ରାମଚନ୍ଦ୍ରପୁର, ରଣପୁର*
*ମୋ-୯୪୩୮୪୮୫୦୯୪*




# ସହର ଉପକଣ୍ଠବାସୀଙ୍କୁ ମୌଳିକ ସୁବିଧା

ସହରାଞ୍ଚଳରେ ଲୋକଙ୍କୁ ଯେପରି ସମସ୍ତ ମୌଳିକ ସୁବିଧା ସୁଯୋଗ ମିଳୁଛି, ସହର ଉପକଣ୍ଠରେ ବସବାସ କରୁଥିବା ଲୋକଙ୍କୁ ବି ସେହିପରି ମୌଳିକ ସେବା ଓ ଗମନାଗମନ ସହ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧା ଯୋଗାଇ ଦିଆଯିବ। ଏଥିପାଇଁ ପାଞ୍ଚବର୍ଷିଆ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ନିକଟରେ ସରକାରୀ ଭାବେ ନିଷ୍ପତ୍ତି ନିଆଯାଇଛି। ଏହାପରେ ରାଜ୍ୟର ପ୍ରମୁଖ ସହରର ଉପକଣ୍ଠ ଅଞ୍ଚଳରେ ସୁଗମ ଯୋଗାଯୋଗ ଉପରେ ଗୁରୁତ୍ୱ ଆରୋପ କରି ମୁଖ୍ୟ ସଚିବ କହିଥିଲେ ଯେ ବଡ଼ ବଡ଼ ସହରଗୁଡ଼ିକରେ ବିଭିନ୍ନ ପ୍ରକାର ନିଯୁକ୍ତି ଓ ଜୀବିକା ସୁଯୋଗ ସୃଷ୍ଟି ହୋଇଥାଏ। ବିଭିନ୍ନ ଆର୍ଥିକ ବର୍ଗର ଲୋକମାନେ ଏହାର ସୁଯୋଗ ନେଇଥାଆନ୍ତି। ଯେଉଁମାନେ କି ମୁଖ୍ୟତଃ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବସବାସ କରିଥାନ୍ତି। ଏହାଛଡ଼ା ନିଜର ବୃତ୍ତି, ଶିକ୍ଷା, ଚିକିତ୍ସା, ଜମିଜମା ଖର୍ଦ୍ଦି ବିକ୍ରି, ନ୍ୟାୟାଳୟ କାର୍ଯ୍ୟ, ଉତ୍ପାଦ ଦ୍ରବ୍ୟ ବିକ୍ରିବଟା ଓ ବାଣିଜ୍ୟ ଆଦି କାର୍ଯ୍ୟ ପାଇଁ ଅନେକ ଦୈନିକ ସହରକୁ ଯିବା ଆସିବା କରିଥାନ୍ତି। ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଉତ୍ତମ ରାସ୍ତା ତିଆରି ହେଲେ ସହରକୁ ଯାତାୟାତ ସୁଗମ ହେବ। ଟ୍ରାଫିକ ଭିଡ଼ ଓ ଦୁର୍ଘଟଣା ଆଦି କମିବ। ତା'ଛଡ଼ା ସହର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗୁଣାତ୍ମକ ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ ଓ ନାଗରିକ ସେବାକେନ୍ଦ୍ର ଆଦି ବିକଶିତ ହେଲେ ଲୋକମାନଙ୍କ ଜୀବନଧାରଣ ମାନର ଉନ୍ନତି ହେବ। ସହର ଉପରେ ମଧ୍ୟ ଆବାସିକ ଚାପ କମିବ। ତେଣୁ ବିଭିନ୍ନ ପ୍ରମୁଖ ସହରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରାସ୍ତା ପ୍ରଶସ୍ତିକରଣ ସହ ବିଭିନ୍ନ ମୌଳିକ ସେବାର ଉନ୍ନତି ପାଇଁ ଏକ ପାଞ୍ଚବର୍ଷିଆ କାର୍ଯ୍ୟ ଯୋଜନା ଚିଠା ପ୍ରସ୍ତୁତ କରିବାକୁ ମୁଖ୍ୟ ସଚିବ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ଏବଂ ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସହର ଉପକଣ୍ଠବାସୀଙ୍କ ସାମଗ୍ରୀକ ସୁବିଧା ସୁଯୋଗ ଓ ଦ୍ୱୈତନଗରୀ କଟକ-ଭୁବନେଶ୍ୱରର ଉନ୍ନତିକଳ୍ପେ ସରକାର ଅନେକ ଯୋଜନା ହାତକୁ ନେଉଥିଲେ ବି ତାହା ବାଟବଣା ବା ବାଟମାରଣା ବି ହେଉଛି। ଭାତହାଣ୍ଡିରୁ ଗୋଟିଏ ପରି ଜାଗା ମିଶନ କଥା ଦେଖନ୍ତୁ। ଗରିବ ଭୂମିହୀନ ଲୋକ ଓ ବସ୍ତିବାସିନ୍ଦା ତଥା ଅସହାୟମାନଙ୍କୁ ଥଇଥାନ ପାଇଁ ସରକାରୀ ଜମିରେ ଜାଗା ମିଶନର ପ୍ରକଳ୍ପ କରାଯାଇଛି; କିନ୍ତୁ ବଡ଼ ଦୁର୍ଭାଗ୍ୟର ବିଷୟ ନିକଟରେ ଜାତୀୟ ମାନବିକ ଅଧିକାର ଆୟୋଗ ଓ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ନିକଟରେ ଉପସ୍ଥାପିତ ହୋଇଥିବା ଅଭିଯୋଗ ଅନୁଯାୟୀ କଟକ ଆଠଗଡ଼ ତହସିଲ ଅନ୍ତର୍ଗତ ଧବଳେଶ୍ୱରଗଡ଼ାରେ ସରକାରୀ ଜମିକୁ ବର୍ଷ ବର୍ଷ ଧରି କିଛି ସ୍ଥାନୀୟ ଜମି ମାଫିଆ ଶାଗ ମାଛ ଦରରେ ବିକ୍ରି କରିଦେଉଛନ୍ତି। ରାତାରାତି ସେଠି ନୂଆ ନୂଆ ଘର ଗଢ଼ି ଉଠୁଛି। ଦୁର୍ଭାଗ୍ୟର ବିଷୟ ସ୍ଥାନୀୟ ମ୍ୟୁନିସିପାଲଟି ଏ ସବୁ ଜାଣି ମଧ୍ୟ ସେମାନଙ୍କୁ ରାସ୍ତା, ପାନୀୟ ଜଳ, ବିଜୁଳି, ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ଆଦି ଖୋଲୁଛନ୍ତି। ସେଠାରେ ଅସାମାଜିକମାନେ କେବଳ ଜାଗା ବିକ୍ରି କରୁନାହାଁନ୍ତି ଏକ ଗୋଷ୍ଠୀ ତିଆରି କରି ସ୍ଥାନୀୟ ପ୍ରଶାସନ, ଥାନା ଓ ନେତାମାନଙ୍କୁ କରାୟତ୍ତ କରି ବାହାର ଅପରାଧୀମାନଙ୍କୁ କିଛି ଅର୍ଥ ବିନିମୟରେ ନିରାପଦ ରହଣିର ସୁଯୋଗ ସୃଷ୍ଟି କରୁଛନ୍ତି। ଯାହାର ପରିଣତି ସ୍ୱରୂପ ପାର୍ଶ୍ୱବର୍ତ୍ତୀ ଇଲାକାରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ଜଟିଳ ହେଉଛି। ସିବିଆଇ ପାଖରେ ଉପସ୍ଥାପିତ ହୋଇଥିବା ଅଭିଯୋଗ ମୁତାବକ ସ୍ଥାନୀୟ ରାଜନେତା, ପ୍ରଶାସନ ଓ ତହସିଲର ଝିଅ ଜ୍ୱାଇଁ ଭାବେ ପରିଚତ ନୟନା ନାୟକ, ମମତା ନାୟକ, ଚଞ୍ଚଳା ବାରିକ, ରଞ୍ଜୁ ନାୟକ, ବାସନ୍ତୀ ନାୟକ, ଧୁସା ନାୟକ, ବାପି ନାୟକ, କାମ୍ପ ନାୟକ, ଧନେଶ୍ୱର ମହାନ୍ତି, ମଳୟ ଭଦ୍ର, ଅରକ୍ଷିତ ମଲ୍ଲିକ ପ୍ରମୁଖ ଏହି ଜମି ମାଫିଆ। ଶାଗମାଛ ଦରରେ ସେମାନେ ଦିନ ଦିପ୍ରହରରେ ପ୍ରଶାସନ ଆଖିରେ କଣ୍ଟା ଗେଞ୍ଜି ବର୍ଷ ବର୍ଷ ଧରି ଜମି ବିକ୍ରି କରୁଛନ୍ତି। ସରକାର କିନ୍ତୁ ଏ ଦିଗକୁ ଗୁରୁତର ସହ ନେବା ପାଇଁ ଅନୁସନ୍ଧାନ ଆରମ୍ଭ କରିଛନ୍ତି ବୋଲି ନିକଟରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି।

ଆସନ୍ତୁ ସହର ଉପକଣ୍ଠବାସୀଙ୍କ ସୁବିଧା ସୁଯୋଗ ଆଲୋଚନାର ଶେଷବିନ୍ଦୁରେ ପହଞ୍ଚିବା। ସହରକୁ ବିଭିନ୍ନ ଦିଗକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକୁ ଚିହ୍ନଟ କରି ସେସବୁର ତାଲିକା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଚିହ୍ନିତ ରାସ୍ତାଗୁଡ଼ିକ ମଧ୍ୟରେ ଆନ୍ତଃ ସଂଯୋଗୀକରଣ ମାଧ୍ୟମରେ ଏକ ରୋଡ୍ ନେଟୱାର୍କ ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏକ ମାସ ମଧ୍ୟରେ ଏହି କାର୍ଯ୍ୟ ଯୋଜନା ତିଆରି କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ପାନୀୟ ଜଳ ଓ ନର୍ଦ୍ଦମା ପାଇପ, ବିଭିନ୍ନପ୍ରକାର କେବୁଲ ଆଦି ନିମନ୍ତେ ସହର ମଧ୍ୟସ୍ଥ ରାସ୍ତାକୁ କାଟିବା, ପ୍ରଶସ୍ତିକରଣ ନିମନ୍ତେ ଚିହ୍ନିତ ରାସ୍ତା ଓ ଛକସ୍ଥାନଗୁଡ଼ିକରୁ ବିଦ୍ୟୁତ ଓ ଟେଲିଫୋନ ଆଦି ଖୁଣ୍ଟ ସ୍ଥାନାନ୍ତର କରିବା ନେଇ ବୈଠକରେ ସବିଶେଷ ଆଲୋଚନା ହୋଇଛି। ଏ କ୍ଷେତ୍ରରେ ରହିଥିବା ସମସ୍ୟାର ତୁରନ୍ତ ସମାଧାନ ପନ୍ଥା ନିର୍ଦ୍ଧାରଣ କରାଯାଇଛି। ଏହାସହ ସହରରେ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ପ୍ରଶସ୍ତିକରଣ ନିମନ୍ତେ କ୍ଷେତ୍ରସ୍ତରୀୟ ସମସ୍ୟାର ସମାଧାନ ପନ୍ଥା ବାହାର କରାଯାଇଛି। ସରକାର କେବଳ ସସହର ଉପକଣ୍ଠବାସୀ ନୁହଁନ୍ତି ଗରିବ ଭୂମିହୀନମାନଙ୍କ ପାଇଁ ଯେଉଁ ଯୋଜନା କରୁଛନ୍ତି ତାହା ଫଳବତୀ ହେଉ, ସରକାରୀ ଜମିକୁ ଜବରଦଖଲ କରୁଥିବା ଲୋକମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଯାହାଦ୍ୱାରା ସରକାରଙ୍କ ପ୍ରଶଂସନୀୟ ଉଦ୍ୟମର ସୁଫଳ ସମସ୍ତଙ୍କୁ ମିଳିବ।

**-ବେଣୁଧର ଦାସ,** ମାନବାଧିକାର କର୍ମୀ, ସେକ୍ଟର-୧୨, ସିଡିଏ, କଟକ

## ସିଲିଂ ପ୍ଲାଷ୍ଟର ଖସିବା ପରେ ମରାମତି କରାଗଲା



କେନ୍ଦୁଝର (ପିଏନ୍): ଘଟଗାଁ ବ୍ଲକ ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠ ଉଚ୍ଚ ବିଦ୍ୟାଳୟର କମନ ରୁମରେ ସିଲିଂ ପ୍ଲାଷ୍ଟର ଖସିବା ପରେ ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇଛି। ନିରାପଦ ଭାବେ ଶିକ୍ଷକ/ଶିକ୍ଷୟିତ୍ରୀମାନେ ଉକ୍ତ ରୁମରେ ବସିପାରିବେ। ୫-ଟି ଅନ୍ତର୍ଗତ ଏହି ବିଦ୍ୟାଳୟର ଉନ୍ନତିକରଣ ଗତ ୪ ମାସ ତଳେ କରାଯାଇଥିଲା। ୫୧ ବର୍ଷ ପୁରାତନ ଏହି ଉଚ୍ଚ ବିଦ୍ୟାଳୟର ବହୁ ପୁରୁଣା ଶ୍ରେଣୀଗୃହ ଏବଂ ବୈଠକ କକ୍ଷ ମରାମତି କରାଯାଇ ରଙ୍ଗ ଦିଆଯାଇଥିଲା। ତେବେ ମରାମତି ପରେ ଶିକ୍ଷକ/ଶିକ୍ଷୟିତ୍ରୀ ବସିବା ପାଇଁ ଉଦ୍ଦିଷ୍ଟ କମନ ରୁମର ସିଲିଂ ପ୍ଲାଷ୍ଟର ଖସିପଡିବା ପରେ ଶିକ୍ଷକମାନେ ଭୟଭୀତ ହୋଇପଡିଥିଲେ। ଘଟଣା ପରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ତୁରନ୍ତ ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ପରିଷଦ ଦାୟିତ୍ୱରେ ଥିବା ନିର୍ବାହୀ ଯନ୍ତ୍ରୀ ଇଂ ସୁଧାଂଶୁଶେଖର ସାହୁ, ଘଟଗାଁ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଦିପାଶ୍ରୀ ସିଂ, କନିଷ୍ଠ ଯନ୍ତ୍ରୀ ଇଂ ଭୋଳାନାଥ ମହାନ୍ତିଙ୍କ ପ୍ରତ୍ୟକ୍ଷ ତଦାରଖରେ କମନ ରୁମର ମରାମତି କାମ କରାଯାଇ ବ୍ୟବହାର ଉପଯୋଗୀ କରାଯାଇଥିଲା। କମନ ରୁମର ପୁରୁଣା ସିଲିଂ ପ୍ଲାଷ୍ଟର ଛଡାଯାଇ ଉକ୍ତ ସ୍ଥାନରେ ପୁଟି ମରାଯାଇ ରଙ୍ଗ ଦିଆଯାଇଛି। ବାରମ୍ବାର ଛାତ ସିଲିଂ ପ୍ଲାଷ୍ଟର ବିଭିନ୍ନ ବିଦ୍ୟାଳୟରେ ଖସୁଥିବାରୁ ଛାତ୍ରଛାତ୍ରୀ ଏବଂ ଶିକ୍ଷକ/ଶିକ୍ଷୟିତ୍ରୀ ଭୟଭୀତ ହୋଇପଡିଛନ୍ତି। ୫-ଟି ଯୋଜନାରେ ଉଚ୍ଚ ବିଦ୍ୟାଳୟର ଉନ୍ନତିକରଣ ପାଇଁ ଏଣିକି ସ୍ୱତନ୍ତ୍ର ଗାଇଡ ଲାଇନ ପ୍ରସ୍ତୁତ କରାଯାଇ କାମ କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ଇଂ ସୁଧାଂଶୁଶେଖର ସାହୁ କହିଛନ୍ତି। ଯେଉଁସବୁ ବିଦ୍ୟାଳୟରେ କାମ ସରିଛି ତାହାର ମଧ୍ୟ ତଦାରଖ ପାଇଁ କୁହାଯାଇଛି।

# ହାସ୍ୟ-ବ୍ୟଙ୍ଗ ସାହିତ୍ୟର ମହାନ୍ ସାଧକ



ଓଡ଼ିଆ ହାସ୍ୟ-ବ୍ୟଙ୍ଗ ସାହିତ୍ୟ ଆକାଶର ଚନ୍ଦ୍ରମା ମାଧବ ଚନ୍ଦ୍ର ଶତପଥୀଙ୍କର ୨୦୧୭ ମସିହା ଫେବୃଆରୀ ୨୫ ତାରିଖରେ ବିୟୋଗ ହୋଇଯାଇଛି। ସୂର୍ଯ୍ୟପରି ସେ ପ୍ରଚଣ୍ଡ ନଥିଲେ, ସେ ଚନ୍ଦ୍ରପରି ଥିଲେ ଶାନ୍ତ ସ୍ନିଗ୍ଧ କୋମଳ। ତାଙ୍କର ବ୍ୟଙ୍ଗ କାହାକୁ ଆଘାତ ଦେଉ ନଥିଲା ଶୀତଳ ଜ୍ୟୋତ୍ସ୍ନା ପରି ଦେହ ମନକୁ ଛୁଇଁ ଯାଉଥିଲା। ପଢ଼ିଲା ମାତ୍ରେ ଓଠରେ ହସ ଫୁଟି ଉଠୁଥିଲା। ସାମ୍ପ୍ରତିକ ରାଜନୀତି, ରାଜନୈତିକ ନେତା, ରାଜନୈତିକ ଦଳ ପ୍ରତି ତାଙ୍କର ବ୍ୟଙ୍ଗ ବେଶ୍ ହୃଦୟଗ୍ରାହୀ। ବିଦ୍ୟୁତ୍ ଆଘାତ ପରି ତାହା ସମସ୍ତଙ୍କ ମର୍ମସ୍ଥଳକୁ ଭେଦିଯାଏ। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପରେ ଫତୁରାନନ୍ଦ, ମାଧବଚନ୍ଦ୍ର ଶତପଥୀ, କୁଳମଣି ମହାପାତ୍ର ପ୍ରମୁଖ ବ୍ୟଙ୍ଗକାରମାନେ ଓଡ଼ିଆ ସାହିତ୍ୟକୁ ବହୁ ଭାବରେ ବର୍ଣ୍ଣାଢ଼୍ୟ କରିଛନ୍ତି। ସ୍ରଷ୍ଟାଙ୍କର ନିୟମ ବଡ଼ ବିଚିତ୍ର ଫତୁରାନନ୍ଦ ଥିଲେ ଜଣେ ଏଲ୍.ଏମ୍.ପି ଡାକ୍ତର, ମାଧବ ଚନ୍ଦ୍ର ଶତପଥୀ ଥିଲେ ଗଣିତ ବିଭାଗର ଅଧ୍ୟାପକ। ଗଣିତର ଜଟିଳା ଧାରା ଭିତରୁ ବାହାରି ଆସି ସେ ସୃଷ୍ଟି କରୁଥିଲେ ହାସ୍ୟବ୍ୟଙ୍ଗ। ତାଙ୍କର ପରୀକ୍ଷା ନିରୀକ୍ଷା ସମାଜର ସବୁ କ୍ଷେତ୍ରରେ ଥିଲା। ୧୯୬୪ ମସିହାରେ ତାଙ୍କର ପ୍ରଥମ ପୁସ୍ତକ 'ନିଶ ଓ ପରିବାର ନିୟନ୍ତ୍ରଣ' ପ୍ରକାଶ ପାଇଥିଲା। ତାହା ପାଠକମାନଙ୍କ ପାଖରେ ଏତେ ଜନପ୍ରିୟ ହେଲା ଯେ ତା'ପରଠାରୁ ତାଙ୍କର ଲେଖନୀ ଆଉ ବନ୍ଦ ହୋଇନାହିଁ। ୧୯୭୯ ମସିହାରୁ ୨୦୧୬ ପର୍ଯ୍ୟନ୍ତ ତାଙ୍କର ପୁସ୍ତକ ପ୍ରକାଶନ ଅବ୍ୟାହତ ରହିଥିଲା। ହାସ୍ୟବ୍ୟଙ୍ଗ-ଗଳ୍ପ ପୁସ୍ତକ ଗୁଡ଼ିକ ହେଲା ନାମରୁ ରାଶି ନକ୍ଷତ୍ର, ପ୍ରହାରେଣ ଧନଞ୍ଜୟ, କଂକୀଡୋଳୀ ଉପାଖ୍ୟାନ, ପିତୃପରାମର୍ଶ କେନ୍ଦ୍ର, ବେସରକାରୀ ମରଣ, ପାପୀ ଚିହ୍ନଟ, ଚତୁର୍ନୟନ ବାବା, ମଡର୍ଣ୍ଣ ବେତାଳ ପଞ୍ଚ ବିଂଶତି, ମାଧବ ଶତପଥୀଙ୍କ ଶ୍ରେଷ୍ଠ ଗଳ୍ପ, ଦୁଷ୍ପ୍ରାପ୍ୟ ହୃଦୟ, ଛାଡ଼ପତ୍ରରୁ ପତ୍ରଛାଡ଼, କପି ତୁ କାହୁଁ ଅଇଲୁ, ତୈଳ ମର୍ଦ୍ଦନ, ଅର୍ବାଚୀନ ଇସ୍ତାହାର, ଚେଙ୍ଗିଜ୍ ଖାଁ ଠାରୁ ଚିଙ୍ଗୁଡ଼ି ପର୍ଯ୍ୟନ୍ତ। ଚାପ ଚରିତ, ସୁନ୍ଦରୀ ହେବାର ନିଶା, ତୋ ଜୀବନ ପଛେ ନର୍କେ ପଡ଼ିଥାଉ, ପ୍ରଭୁ ମୋ ବିବେକ ନେଇଯାଅ, କହିବାକୁ ଲାଜ, ଜରା ଯାତନା ପ୍ରଭୃତି ୨୫ ଖଣ୍ଡ ଗଳ୍ପ ପୁସ୍ତକ, ତିନୋଟି କବିତା ପୁସ୍ତକ। ପ୍ରତ୍ୟେକଟି ଗଳ୍ପ ଓ କବିତା ହାସ୍ୟବ୍ୟଙ୍ଗରେ ପରିପୂର୍ଣ୍ଣ। ତାଙ୍କ ଗଳ୍ପ ଯିଏ ଥରେ ପଢ଼ିଛି ସିଏ ନିଶ୍ଚୟ ଖୋଜି ଖୋଜି ତାଙ୍କ ଲେଖା ପଢ଼ିବ। ବ୍ୟଙ୍ଗ ସାହିତ୍ୟ ଛଡ଼ା, ଅନେକଗୁଡ଼ିଏ ଉପାଦେୟ ପାଠ୍ୟପୁସ୍ତକ ରଚନା କରି ସମସ୍ତଙ୍କର ଶ୍ରଦ୍ଧା ଭାଜନ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ତାଙ୍କ ରଚିତ ପୁସ୍ତକ-ପିଲାଙ୍କୁ ଗଢ଼ିବେ କିପରି ? ନିଜ ପିଲାର ମୂଳଦୁଆ ନିଜେ ଗଢ଼ନ୍ତୁ, ଛୋଟ ପିଲାଙ୍କୁ ପଢ଼ାଇବେ କିପରି, ଜନସଂଖ୍ୟା ଓ ବିକାଶ ଶିକ୍ଷା, ପ୍ରତ୍ୟେକ ଛାତ୍ରଛାତ୍ରୀ ଅଭିଭାବକଙ୍କ ଗାଇଡ଼ ଲାଇନ ହୋଇଛି।

ମାଧବ ଚନ୍ଦ୍ର ଶତପଥୀ ୧୯୨୮ ମସିହା ମାର୍ଚ୍ଚ ୨୧ ତାରିଖରେ ଅବିଭକ୍ତ କଟକ ଜିଲ୍ଲାର ବଡ଼ଚଣା ଥାନା ଅନ୍ତର୍ଗତ କାଦୁଅ ମାଗୁରା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ସ୍ୱର୍ଗତଃ ଦୀନବନ୍ଧୁ ଶତପଥୀ, ମାତା ସ୍ୱର୍ଗତା ସାରମଣି ଦେବୀ। ଗାଁ ସ୍କୁଲରୁ ପ୍ରାଇମେରୀ ଶିକ୍ଷା ଓ ମାଧ୍ୟମିକ ଶିକ୍ଷା ସମାପ୍ତ କରି ରେଭେନ୍‌ସା କଲେଜରୁ ସ୍ନାତକ ଓ ସ୍ନାତକୋତ୍ତର ଉପାଧି ଲାଭ କରିଥିଲେ। ପ୍ରଥମେ ସେ ସମ୍ବଲପୁର ସରକାରୀ ଟ୍ରେନିଂ କଲେଜର ଅଧ୍ୟାପକ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ଗଙ୍ଗାଧର ମେହେର କଲେଜ, ରାଧାନାଥ ଟ୍ରେନିଂ କଲେଜ, କଟକ, ସରକାରୀ ଟ୍ରେନିଂ କଲେଜ ଅନୁଗୁଳ, ରେଭେନ୍‌ସା କଲେଜରେ ପ୍ରାଧ୍ୟାପକ ଭାବେ କାର୍ଯ୍ୟକରି ବଲାଙ୍ଗୀରଠାରେ ଥିବା ସରକାରୀ ଟ୍ରେନିଂ କଲେଜର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ। ତା'ପରେ ଅନ୍ୟାନ୍ୟ ଦୁଇଟି କଲେଜର ଅଧ୍ୟକ୍ଷ ଦାୟିତ୍ୱ ସୁଚାରୁ ରୂପେ ପରିଚାଳନା କରି ଶିକ୍ଷା ବିଭାଗରୁ ଅବସର ଗ୍ରହଣ କରିଥିଲେ। କଲେଜରେ ଅଧ୍ୟାପନା କରିବା ସମୟରେ ଯେପରି ଲେଖୁଥିଲେ ଅବସର ପରେ ମଧ୍ୟ ସେହିପରି ଲେଖିଚାଲିଲେ। ତାଙ୍କର ସାହିତ୍ୟକୃତି ପାଇଁ ଓଡ଼ିଶାର ବିଭିନ୍ନ ଅନୁଷ୍ଠାନ ତାଙ୍କୁ ପୁରସ୍କୃତ କରିଛନ୍ତି। ସରସ ସାହିତ୍ୟ ସମିତି ପକ୍ଷରୁ ତାଙ୍କୁ 'ରସରାଜ' ଉପାଧିରେ ଭୂଷିତ କରାଯାଇଥିଲା। ହାସ୍ୟବ୍ୟଙ୍ଗର ସର୍ବୋଚ୍ଚ ପୁରସ୍କାର 'କାନ୍ତକବି ପୁରସ୍କାର' ହାସ୍ୟ ବିକାଶ କେନ୍ଦ୍ର ପକ୍ଷରୁ ୧୯୯୭ ମସିହାରେ ପ୍ରଦାନ କରାଯାଇଥିଲା। ଫତୁରାନନ୍ଦ ଫାଉଣ୍ଡେସନ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ପ୍ରଜାତନ୍ତ୍ର ବିଷୁବ ସମ୍ମିଳନୀ, ଉତ୍କଳ ସାହିତ୍ୟ ସମାଜ, କଟକ ଲେଖକ ସହଯୋଗ ସମିତି, ପୁନର୍ନବା ସାହିତ୍ୟ ସଂସଦ ପକ୍ଷରୁ ତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ୨୦୧୭ ମସିହା ଜାନୁଆରୀ ମାସ ୨୨ ତାରିଖରେ ରେଭେନ୍‌ସା କଲେଜର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଶ୍ରେଷ୍ଠ ପ୍ରଫେସର ଭାବେ ତାଙ୍କୁ ସମ୍ମାନିତ କରାଯାଇଛି। ଏହା ହେଉଛି ତାଙ୍କ ଜୀବନର ଶେଷ ସମ୍ମାନ। ଏହାଛଡ଼ା ତାଙ୍କୁ ସମ୍ବର୍ଦ୍ଧିତ କରିଥିବା ଅନୁଷ୍ଠାନ ଗୁଡ଼ିକର ତାଲିକା ବହୁତ ଲମ୍ବା ହେବ, ତାହା ମୁଁ ଏଠାରେ ଉଲ୍ଲେଖ କରୁନାହିଁ। ଏହି ମହାନ ସାହିତ୍ୟ ସାଧକ ବ୍ୟକ୍ତି ହିସାବରେ ଥିଲେ ଅତ୍ୟନ୍ତ ସରଳ ଓ ବାସ୍ତବବାଦୀ, ଆଚରଣ ଆଉ ଉଚ୍ଚାରଣରେ କୌଣସି ପାର୍ଥକ୍ୟ ନଥିଲା। ଅନ୍ୟକୁ ଆନନ୍ଦ ଦେବାରେ ସଦାସର୍ବଦା ମୁଖର ଥିଲେ। ସାହିତ୍ୟ ରଚନା ଛଡ଼ା ସଂଗୀତ ପ୍ରତି ମଧ୍ୟ ତାଙ୍କର ରୁଚି ରହିଥିଲା। କଳାବିକାଶ କେନ୍ଦ୍ରରୁ ସେ ତବଲା ବାଦକ ଭାବେ ବିଶାରଦ ଉପାଧି ଲାଭ କରିଥିଲେ। ରାଷ୍ଟ୍ରଭାଷା ପ୍ରଚାର ସମିତି ଦ୍ୱାରାରୁ ସେ ହିନ୍ଦୀ ବିଶାରଦ ଉପାଧି ଲାଭ କରିଥିଲେ। ସାହିତ୍ୟ, କଳା, ସଂସ୍କୃତି ସବୁ କ୍ଷେତ୍ରରେ ଜଣେ ପରିପୂର୍ଣ୍ଣ ମଣିଷ। ତାଙ୍କୁ ହରାଇ ଉତ୍କଳ ଭାରତୀ ମ୍ରିୟମାଣ, କାରଣ ତାଙ୍କ ସମକକ୍ଷ ସାହିତ୍ୟିକ ସୃଷ୍ଟି ହେବାପାଇଁ କେତେ କାଳ ଲାଗିବ, ସେକଥାର କିଏ ଉତ୍ତର ଦେଇପାରିବ ?

**-ରଘୁନାଥ ମହାପାତ୍ର,** ସତ୍ୟଶ୍ରୀ ନିଳୟ, ତାରାଚାନ୍ଦ ପାଟଣା, କଟକ, ଦୂରଭାଷ :୯୨୩୮୬୩୨୭୫୦

## ଅଲ୍ ଇଣ୍ଡିଆ ଡିଏସ୍‌ଓ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



ଯାଜପୁର (ପିଏନ୍)-ଅଲ୍ ଇଣ୍ଡିଆ ଡିଏସ୍‌ଓ ଯାଜପୁର ଜିଲ୍ଲା କମିଟି ପକ୍ଷରୁ ରାଜ୍ୟର ବି.ଏଡ୍ କଲେଜଗୁଡ଼ିକରେ ଯୁଦ୍ଧକାଳୀନ ଭିତ୍ତିରେ ନାମଲେଖା ଆରମ୍ଭ କରାଯାଉ ଏବଂ ସେଲ୍ଫ ଫାଇନାନ୍ସ ଭିତ୍ତିରେ ନାମଲେଖା ବ୍ୟବସ୍ଥା ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ସହ ବି.ଏଡ୍, ସିଟ୍ ସଂଖ୍ୟା ବୃଦ୍ଧି କରିବା ଦାବୀରେ ଜିଲ୍ଲାପାଳଙ୍କ ଜରିଆରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା। ଆପଣ ଅବଗତ ଯେ ଚଳିତ ଶିକ୍ଷା ବର୍ଷରେ ରାଜ୍ୟର ବିଭିନ୍ନ କଲେଜମାନଙ୍କରେ ବି.ଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ସେପ୍ଟେମ୍ବର ୨୨ ଓ ୨୩ ତାରିଖକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଧାର୍ଯ୍ୟ ତାରିଖ ଠିକ୍ ପୂର୍ବଦିନ ଅର୍ଥାତ୍ ସେପ୍ଟେମ୍ବର ୨୧ ତାରିଖ ଦିନ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହି ନାମଲେଖାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ କରାଯାଇଛି। ଫଳରେ ର୍ୟାଙ୍କ୍ କାର୍ଡ଼ ଧରି ଆଶାୟୀ ଛାତ୍ରଛାତ୍ରୀମାନେ ହତାଶ ହୋଇ ବସିରହିଥିବାବେଳେ ସେମାନଙ୍କର ଗୋଟିଏ ଶିକ୍ଷାବର୍ଷ ନଷ୍ଟ ହେବାକୁ ଯାଉଛି। ଯଦ୍ୱାରାକି ସେମାନଙ୍କ ମାନସିକ ଭାରସାମ୍ୟ ଅତ୍ୟନ୍ତ ଜଟିଳ ପରିସ୍ଥିତି ଦେଇ ଗତି କରୁଛି। ଏପରି ବାହାର କରିଥିବା ର୍ୟାଙ୍କକୁ ମଧ୍ୟ ବାରମ୍ବାର ପରିବର୍ତ୍ତନ କରାଯାଉଛି। ଅନ୍ୟପଟେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସେଲ୍ଫ ଫାଇନାନ୍ସ ଭିତ୍ତିରେ ବି.ଏଡ୍ ପାଠକ୍ରମରେ ନାମଲେଖା ହୋଇଛି। ଅର୍ଥାତ୍ ପ୍ରକାରାନ୍ତରେ ସେଲ୍ଫ ଫାଇନାନ୍ସ ଭିତ୍ତିରେ ବି.ଏଡ୍ ପାଠ୍ୟକ୍ରମରେ ନାମ ଲେଖାଇବାକୁ ସରକାର ଛାତ୍ରଛାତ୍ରୀ ମାନଙ୍କୁ ବାଧ୍ୟ କରୁଛନ୍ତି। ଫଳରେ ଛାତ୍ରଛାତ୍ରୀମାନେ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି। ତେଣୁ ବି.ଏଡ୍ ସିଟ୍ ସଂଖ୍ୟା ବୃଦ୍ଧି କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ବିଏଡ୍ କଲେଜ ଗୁଡ଼ିକରେ ନାମଲେଖା ଆରମ୍ଭ କରାଯାଉ ଏବଂ ସେଲ୍‌ଫ ଫାଇନାନ୍ସ ଭିତ୍ତରେ ନାମଲେଖା ବ୍ୟବସ୍ଥା ସଂପୂର୍ଣ୍ଣ ଉଚ୍ଛେଦ କରିବାପାଇଁ ଦାବୀ ଜଣାଇଛନ୍ତି। ଉକ୍ତ ଦାବୀପତ୍ର ପ୍ରଦାନ କରିଛନ୍ତି ଅଲ ଇଣ୍ଡିଆ ଡି.ଏସ୍.ଓ ଜିଲ୍ଲା ସମ୍ପାଦିକା ସସ୍ମିତା ଜେନା, ସମ୍ପାଦକ ମଣ୍ଡଳୀର ସଦସ୍ୟ ପଲ୍ଲୀ ମଲିକ, ଜିତେନ୍ଦ୍ର ମାଝୀ, ସସ୍ମିତା ମଲ୍ଲିକ, ମୁଧୁସ୍ମିତା ସିଂ।

## ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଖୋର୍ଦ୍ଧା (ପିଏନ୍)-ମୁକୁନ୍ଦପ୍ରସାଦସ୍ଥିତ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟରେ ନାମ ଲେଖାଇଥିବା ତିନିବର୍ଷିଆ ଡିଗ୍ରୀ କୋର୍ସ ଓ ପାଂଚବର୍ଷିଆ ଇଂଟିଗ୍ରେଟେଡ୍ ଲ କୋର୍ସର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସଭାପତି ପ୍ରତାପ ଚନ୍ଦ୍ର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ରୂପେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଯୋଗଦେଇ କଲେଜ ସଂଲଗ୍ନ ଅନ୍ୟ ଏକ ନୂତନ କୋଠାକୁ ବିନୋଦ ବିହାରୀ ପାଠାଗାର ଉଦ୍‌ଘାଟନ କରିଥିଲେ। କଲେଜ ପାଇଁ ସରକାରୀ ଯୋଜନା ଅନୁଯାୟୀ ନୂତନ ଜାଗା ମିଳିବ ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡ. ନାରାୟଣ ରାଓ, ଖ୍ୟାତନାମା ବ୍ୟଙ୍ଗକବି ଜ୍ଞାନ ହୋତା, ଦୂରଦର୍ଶୀର ସମ୍ପାଦକ ଦୁର୍ଗାପ୍ରସାଦ ସାମନ୍ତରାୟ, ଐତିହାସିକ ସତ୍ୟବାଦୀ ବଳିଆରସିଂ, ଡ. ବିଷ୍ଣୁ ଚରଣ ସାହୁ, ବ୍ରିଗେଡ଼ିୟର ଅଭିମନ୍ୟୁ ରାଉତ, ଡ. ଦିଲ୍ଲୀପ କୁମାର ପତି, ସମାଜସେବୀ ଇତିଶ୍ରୀ ସାହୁ ପ୍ରମୁଖ ଯୋଗଦେଇ ନୂତନ ଛାତ୍ରଛାତ୍ରୀମାନେ ନିଷ୍ଠାପର ଭାବେ ଅଧ୍ୟୟନଶୀଳ ହେବାସହ ସମାଜ ଗଠନରେ ନୀତି ନିପୁଣ ହେବାପାଇଁ ଆହ୍ୱାନ ଦେଇଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ଡ଼. ଗିରିଶ ରଂଜନ ସାହୁ ଅତିଥି ପରିଚୟ ଦେବାସହ ୩ ବର୍ଷିଆ ପାଠ୍ୟକ୍ରମରେ ସିଟ ସଂଖ୍ୟା ୬୦ରୁ ୧୮୦କୁ ବୃଦ୍ଧିପାଇଥିବା ଏବଂ ଗତ ୫ ବର୍ଷିଆ ଇଂଟିଗ୍ରେଟଡ଼ କୋର୍ସ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ସଫଳତା ହାରରେ ଆଇନ ବିଶ୍ୱବିଦ୍ୟାଳୟ ମଧ୍ୟରେ ୨ୟ ସ୍ଥାନ ପାଇଥିବା ସୂଚନା ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ମୁସକିମ୍ କଉର, ସ୍ୱସ୍ତିକ କୁମାର ହୋତା, ଅଜିତ୍ ନାଏକ, ସୌମ୍ୟ ସାହୁ, ଅଂଶୁମାନ ବାରିକ ସୌମ୍ୟା ଚୌଧୁରୀଙ୍କୁ ପୁରସ୍କୃତ କରାଯାଇଥିଲା। ନଳିନୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ସମ୍ପାଦକ ସୁଧୀର କୁମାର ମାନସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଧର୍ମଶାଳାରେ ବ୍ଲକସ୍ତରୀୟ ଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର



ଧର୍ମଶାଳା (ପିଏନ୍): ଧର୍ମଶାଳା ପଂଚାୟତ ସମିତି ସଭାଗୃହରେ ବ୍ଲକ ସ୍ତରୀୟ ମହାତ୍ମାଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସମ୍ପର୍କିତ ଏକ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ମଲିକ ଯୋଗଦେଇ ଯୋଜନାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିବା ସହ ଜନପ୍ରତିନିଧିମାନଙ୍କୁ ଏହାର ରୂପାୟନ ସମ୍ପର୍କରେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ବିଜୟିନୀ ମିଶ୍ର, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ଏବିଡିଓ ଅସିତ ପାତ୍ର ଯୋଗଦେଇଥିଲେ । ଏହି ଶିବିରରେ ମନରେଗା ଯୋଜନା ସହ ଜାତୀୟ ସାମାଜିକ ସହାୟତା ଓ ପଂଚଦଶ ଅର୍ଥ କମିସନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ବ୍ଲକର ସମସ୍ତ ପଂଚାୟତର ଜନପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ । ଏହି ଅବସରରେ ମନରେଗା କାର୍ଯ୍ୟର ସଫଳ ରୂପାୟନ ପାଇଁ ଏହି ବ୍ଲକର ସଂପାରୁ, ଉତରପ୍ରତାପ, ଦେଓଦା, କାଏମା ଓ କୋତପୁର ପଂଚାୟତ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଜନଶୁଣାଣିରେ ମର୍ଜିତାପୁର ବାଲିଘାଟକୁ ବିରୋଧ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ମର୍ଜିତାପୁରଠାରେ ପ୍ରଶାସନ ପକ୍ଷରୁ ନିଲାମ ଦିଆଯାଇଥିବା ବାଲିଘାଟକୁ ବିରୋଧ ପରେ ଏହାକୁ ନେଇ ଏକ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ସୂଚନା ମୁତାବକ ସ୍ଥାନୀୟ ଅଂଚଳର ଜୟନ୍ତ ଜେନା ବ୍ରହ୍ମଣୀ ନଦୀର ମର୍ଜିତାପୁର ବାଲିଘାଟକୁ ନିଲାମ ସୂତ୍ରରେ ନେଇଥିବା ବେଳେ ସ୍ଥାନୀୟ ଲୋକେ ବିଭିନ୍ନ କାରଣ ଦର୍ଶାଇ ଏହାକୁ ବିରୋଧ କରିବା ସହ ବାଲିଘାଟକୁ ବନ୍ଦ କରିବା ପାଇଁ ଧର୍ମଶାଳା ତହସିଲଦାର ଓ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହି ବାଲିଘାଟରୁ ବାଲି ଉତୋଳନ କରାଯାଇ ବନ୍ଧ ରାସ୍ତାଦେଇ ପ୍ରତ୍ୟେହ ଶହ ଶହ ସଂଖ୍ୟାରେ ଗାଡି ଯାତାୟାତ କରିବା ଫଳରେ ରାସ୍ତାସାରା ବାଲିପଡିବା ଯୋଗୁଁ ଯାତାୟାତରେ ବାଧା ଉପୁଯିବା ସହ ଲୋକେ ଦୁର୍ଘଟଣାର ଶିକାର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ମର୍ଜିତାପୁର କଲ୍ୟାଣ ମଣ୍ଡପ ଠାରେ ଏକ ଜନଶୁଣାଣିର ଆୟୋଜନ କରାଯାଇଥିଲା । ଏଥିରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ମଲିକ, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ ମିଶ୍ର, ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ, ଏସଡିପିଓ ସଂଜୟ କୁମାର ପଟ୍ଟନାୟକ, ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ଓ ସ୍ଥାନୀୟ ରାଜସ୍ୱ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ଏହି ଶିବିରରେ ଆଖପାଖ ଅଂଚଳର ୪ ଶହରୁ ଉର୍ଦ୍ଧ ଲୋକ ଉପସ୍ଥିତ ରହିଥିବା ବେଳେ ଅଧିକାଂଶ ଲୋକେ ବାଲିଘାଟକୁ ବିରୋଧ କରିଥିଲେ । ଆଇନ ଶୃଙ୍ଖଳାକୁ ନଜରରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ସେଠାରେ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା । ତେବେ ପ୍ରଶାସନ ନିଲାମ ପୂର୍ବରୁ ଜନଶୁଣାଣି ନକରି ନିଲାମ ଦେବା ପରେ ଜନଶୁଣାଣି କରି ହରଡଘଣାରେ ଫସିଯାଇଛି । ସ୍ଥାନୀୟ ଲୋକଙ୍କ ବିରୋଧ ପରେ ଉକ୍ତ ବାଲିଘାଟକୁ ବନ୍ଦ କରାଯାଇ ନିଲାମଧାରୀକୁ ଟଙ୍କା ଫେରସ୍ତ କରାଯାଇ ନିଲାମ ବାତିଲ କରାଯାଉଛି କିମ୍ବା ଅନ୍ୟ କି ପଦକ୍ଷେପ ନିଆଯାଉଛି ତାହାକୁ ନେଇ ପ୍ରଶାସନ ଅଡୁଆ ପରିସ୍ଥିତିରେ ପଡିଯାଇଛି ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m. x 4cm: Rs. 8,000/- (One Month)
10c.m. x 4cm: Rs. 350/- (One day)
5c.m. x 4cm: Rs. 5,000/- (One Month)
5c.m. x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

